

ସମୟ
୧୨ ଏପ୍ରିଲ ୨୦୨୬ ରବିବାର
ଯୁଦ୍ଧ ଯାତନା



ବିଭିନ୍ନ ସମୟରେ ପୃଥିବୀରେ ଦେଶଦେଶ ମଧ୍ୟରେ ଭିନ୍ନଭିନ୍ନ କାରଣରୁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହି ଯୁଦ୍ଧ ବର୍ତ୍ତମାନ ପାରମ୍ପରିକ ପଦ୍ଧତିରୁ ଆଧୁନିକ ପଦ୍ଧତିରେ ପହଞ୍ଚି ସାରିଛି । ଯୁଦ୍ଧ କୌଶଳର କ୍ରମାଗତ ଆଧୁନିକୀକରଣ ପୃଥିବୀର ଜୈବ-ଭୌତିକ ସନ୍ତୁଳନକୁ ବିପଦରେ ପକାଇଥିବା ନେଇ ଅନେକ ରିପୋର୍ଟ ପ୍ରକାଶ ପାଇଛି। ଆଧୁନିକ ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରର ବିନାଶକାରୀ କ୍ଷମତା ପୂର୍ବ ଅପେକ୍ଷା ଯଥେଷ୍ଟ ଅଧିକ । ବିଶେଷ କରି ରାସାୟନିକ ଅସ୍ତ୍ରରୁ ପରମାଣୁ ଅସ୍ତ୍ର ପର୍ଯ୍ୟନ୍ତ ଯୁଦ୍ଧର ଯେଉଁ ବିବର୍ତ୍ତନ ଘଟିଛି, ତାହା ପରିସଂସ୍ଥା ବା ଇକୋସିଷ୍ଟମ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି । ଯୁଦ୍ଧ କ୍ଷେତ୍ରରେ ବ୍ୟବହୃତ ବିଭିନ୍ନ ପ୍ରକାରର ପରିବେଶ ବିଷାକ୍ତ ପଦାର୍ଥ, ଯଥା 'ଭାରୀ ଧାତୁ' , ମାଟି ଓ ପବନରେ ଦଶନ୍ଧି ଦଶନ୍ଧି ଧରି ରହିଥାଏ । ଶୁଷ୍କ ଓ ମରୁଭୂମି ଅଞ୍ଚଳରେ ଏହି ବିଷାକ୍ତ କଣିକାଗୁଡ଼ିକ ବାୟୁ ପ୍ରବାହ ମାଧ୍ୟମରେ ବହୁ ଦୂର ପର୍ଯ୍ୟନ୍ତ ବ୍ୟାପି ଅନ୍ୟ ଅଞ୍ଚଳର ପରିବେଶକୁ ମଧ୍ୟ ପ୍ରଦୂଷିତ କରିଥାଏ ।

**ଯୁଦ୍ଧ କେବଳ ମାନବ ଜୀବନ ଓ ସମ୍ପତ୍ତିର ହାନି କରେ ନାହିଁ, ଏହାର ପ୍ରଭାବ ପ୍ରକୃତି ଉପରେ ମଧ୍ୟ ରହିଛି । ଏହା ପରିବେଶର ଏପରି ଗଭୀର କ୍ଷତ ସୃଷ୍ଟି କରେ ଯାହାକୁ ପୂରଣ କରିବା ପାଇଁ ଶତାବ୍ଦୀ ଶତାବ୍ଦୀ ସମୟ ଲାଗିଯାଇଥାଏ । ଇତିହାସରେ ଏଭଳି ଅନେକ ଯୁଦ୍ଧ ରହିଛି ଯାହା ସବୁବେଳେ ପ୍ରଦୂଷଣକୁ ବଢ଼ାଇବାର କାରଣ ସାଜିଛି ।**

ସୃଷ୍ଟି କରିବାରେ ସକ୍ଷମ। ଯୁଦ୍ଧର କୁପ୍ରଭାବ କେବଳ ଯୁଦ୍ଧଭୂମିରେ ସୀମିତ ରହେ ନାହିଁ, ବରଂ ଏହା ପରବର୍ତ୍ତୀ ୨୦ ରୁ ୩୦ ବର୍ଷ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ନୀତିକୁ ଦୁର୍ବଳ କରିଦେଇଥାଏ। ଯୁଦ୍ଧ ଯୋଗୁଁ ସୃଷ୍ଟି ହେଉଥିବା ଆର୍ଥିକ ସଙ୍କଟ, ଶକ୍ତି ସଙ୍କଟ ଏବଂ ଜୀବାଶ୍ମ ଜାଳେଣିର ଦର ବୃଦ୍ଧି ବିଶ୍ୱସ୍ତରୀୟ ଜଳବାୟୁ କାର୍ଯ୍ୟାନୁଷ୍ଠାନକୁ ପଛକୁ ଠେଲି ଦିଏ । ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଯେ, ବିଶ୍ୱର ମୋଟ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନର ପ୍ରାୟ ୫.୫% କେବଳ ସାମରିକ କ୍ଷେତ୍ର ବା ମିଲିଟାରୀ ସେକ୍ଟରରୁ ଆସିଥାଏ। ଦୁଃଖର ବିଷୟ ଏହି କି ଯେ, ଦେଶଗୁଡ଼ିକ ନିଜର ଗ୍ରୀନ୍ ହାଉସ୍ ଗ୍ୟାସ୍ ଆକଳନ ସମୟରେ ସାମରିକ ଗତିବିଧିରୁ ହେଉଥିବା ପ୍ରଦୂଷଣକୁ ପ୍ରାୟତଃ ଅନ୍ତର୍ଭୁକ୍ତ କରନ୍ତି ନାହିଁ। ତେଣୁ ଯୁଦ୍ଧ କେବଳ ସାମାଜିକ ଓ ରାଜନୈତିକ ସ୍ଥିରତା ନଷ୍ଟ କରେ ନାହିଁ, ବରଂ ଏହା ଆମର ପୃଥିବୀକୁ ଏକ ସ୍ଥାୟୀ ପରିବେଶଗତ ବିପଦ ଆଡ଼କୁ ଟାଣି ନେଉଛିବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଇତିହାସରେ ଏଭଳି ଅନେକ ଯୁଦ୍ଧର ଉଦାହରଣ ରହିଛି, ଯେଉଁଥିରେ ଆମ ପରିବେଶକୁ ଅନେକ ଭୟାବହ କ୍ଷତି ସହିବାକୁ ପଡିଛି ।


















## ଆମେରିକୀୟ ବିପ୍ଳବ (୧୭୭୫-୧୭୮୩)

ଅଠରଶହ ଶତାବ୍ଦୀର ଆମେରିକୀୟ ବିପ୍ଳବ ବା ଆମେରିକୀୟ ରିଭୋଲୁସନାରୀ ୱାର ପ୍ରାକୃତିକ ଜଗତ ଉପରେ ବ୍ୟାପକ ପ୍ରଭାବ ପକାଇଥିଲା । ଏହାର ଏକ ପ୍ରମୁଖ ଉଦାହରଣ ହେଉଛି ପେନସିଲଭାନିଆର 'ଭ୍ୟାଲି ଫୋର୍ଜ'। ୧୭୭୭-୧୭୭୮ର ଶୀତଦିନେ ଜର୍ଜ ୱାଶିଂଟନଙ୍କ 'କଣ୍ଟିନେଣ୍ଟାଲ ଆର୍ମି'ର ସୈନ୍ୟମାନେ ନିଜ ପାଇଁ କୁଡ଼ିଆ ତିଆରି କରିବା ଉଦ୍ଦେଶ୍ୟରେ ପ୍ରାୟ ୧,୨୭,୦୦୦ରୁ ଅଧିକ ଗଛ କାଟି ଦେଇଥିଲେ । ଏହା ସେହି ଅଞ୍ଚଳରେ ଦୀର୍ଘକାଳୀନ ଜଙ୍ଗଲ କ୍ଷୟର କାରଣ ସାଜିଥିଲା । ସେହିପରି ୧୭୭୮ ସେପ୍ଟେମ୍ବରରେ ବ୍ରିଟିଶ ବାହିନୀ ମାସାଚୁସେଟ୍ସ ଉପକୂଳରେ ଥିବା 'ମାର୍ଥା'ସ୍ ଭିନିୟାର୍ଡ' ଦ୍ୱୀପ ଉପରେ ଆକ୍ରମଣ କରି ୧୦,୦୦୦ରୁ ଅଧିକ ମେଣ୍ଢାଙ୍କୁ ହତ୍ୟା କରିଥିଲେ । ଅନ୍ୟପଟେ, ୧୭୭୭ ସେପ୍ଟେମ୍ବର ୧୯ ଏବଂ ଅକ୍ଟୋବର ୭ରେ ନ୍ୟୁୟର୍କରେ ହୋଇଥିବା 'ସାରାଟୋଗା ଯୁଦ୍ଧ'ରେ ସୈନ୍ୟମାନେ ପ୍ରାୟ ୬,୬୦,୦୦୦ରୁ ଅଧିକ ସିସା ନିର୍ମିତ ଗୁଳି ଚଳାଇଥିଲେ ।



ଏହି ବିପୁଳ ପରିମାଣର ସିସା ପରିବେଶ ଉପରେ ଏପରି ନକାରାତ୍ମକ ପ୍ରଭାବ ପକାଇଛି, ଯାହା ଏକବିଂଶ ଶତାବ୍ଦୀରେ ମଧ୍ୟ ଅନୁଭୂତ ହେଉଛି । ଏହିଭଳି ଭାବେ ବିଭିନ୍ନ ପ୍ରକାରର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ପଡୁଥିବା ଦେଖିବାକୁ ମିଳୁଛି ।

## ଆମେରିକୀୟ ଗୃହଯୁଦ୍ଧ (୧୮୬୧-୧୮୬୫)

ଆମେରିକୀୟ ଗୃହଯୁଦ୍ଧ ମୁଖ୍ୟତଃ ଗରମ ଏବଂ ଆଦ୍ର ଅଞ୍ଚଳରେ ଲଢ଼ାଯାଇଥିଲା, ଯେଉଁଠାରେ ମ୍ୟାଲେରିଆ ଭଳି ମହାମାରୀର ପ୍ରାଦୁର୍ଭାବ ରହିଥିଲା । ଫଳସ୍ୱରୂପ, ଉଭୟ ପକ୍ଷର ସୈନ୍ୟମାନେ ବ୍ୟାପକ ଭାବେ ରୋଗାକ୍ରାନ୍ତ ହୋଇଥିଲେ। ଶକ୍ତିଶାଳୀ ଦୂରଗାମୀ ରାଇଫଲ୍ ଏବଂ ତୋପର ବ୍ୟବହାର ଯୋଗୁଁ ମୃତାହତଙ୍କ ସଂଖ୍ୟା ମଧ୍ୟ ଅତ୍ୟଧିକ ଥିଲା । ଯଦିଓ ୟୁନିୟନ ବାହିନୀ ପାଖରେ ଉତ୍ତମ ଚିକିତ୍ସା ଏବଂ ଡାକ୍ତରଖାନା ସୁବିଧା ଥିଲା, କିନ୍ତୁ କନଫେଡେରେସିର ଯୋଗାଣ ବ୍ୟବସ୍ଥା ବାରମ୍ବାର ବିଫଳ ହେଉଥିଲା । ଯେଉଁ କାରଣରୁ ସେମାନଙ୍କ ସୈନ୍ୟମାନେ ମାସ ମାସ ଧରି ଖାଲି ପାଦରେ ଯୁଦ୍ଧ କରୁଥିଲେ ଏବଂ ଡାକ୍ତରମାନଙ୍କ ପାଖରେ ଆବଶ୍ୟକୀୟ ଔଷଧର ଅଭାବ ରହୁଥିଲା। ଯୁଦ୍ଧ ସମୟରେ ୟୁନିୟନ ବାହିନୀ ଦକ୍ଷିଣାଞ୍ଚଳର ରେଳପଥ ଏବଂ







କପା ବଗିଚାଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଥିଲେ । ଏହି ସାମରିକ ଅଭିଯାନରେ ତୋପ ଏବଂ ଗୋଳାବାରୁଦ ପରିବହନ ପାଇଁ ବ୍ୟବହୃତ ହେଉଥିବା ହଜାର ହଜାର ଘୋଡ଼ା ଏବଂ ଖଚରଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା ।

## ପ୍ରଥମ ବିଶ୍ୱଯୁଦ୍ଧ

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ୟାପକ ପରିମାଣରେ ରାସାୟନିକ ପଦାର୍ଥ, ବିଶେଷ କରି କ୍ଲୋରିନ୍, ଫୋସଜିନ୍ ଏବଂ ମଷ୍ଟାର୍ଡ ଗ୍ୟାସ୍‌ର ବ୍ୟବହାର ଦେଖିବାକୁ ମିଳିଥିଲା । ୧୯୧୮ରେ ଯୁଦ୍ଧ ଶେଷ ହେବା ବେଳକୁ ପ୍ରାୟ ୧,୦୦,୦୦୦ ଟନ୍‌ରୁ ଅଧିକ ବିଷାକ୍ତ ଗ୍ୟାସ୍ ଉତ୍ପାଦନ କରାଯାଇଥିଲା । ଯଦିଓ ସେହି ସମୟରେ ଗ୍ୟାସ୍ ମାସ୍କଗୁଡ଼ିକ ଏହି ବିଷାକ୍ତ ଗ୍ୟାସର ପ୍ରଭାବକୁ କିଛି ମାତ୍ରାରେ ପ୍ରତିହତ କରିବାରେ ସଫଳ ହୋଇଥିଲେ, ତଥାପି ଏହି ଗ୍ୟାସ୍ ଯୋଗୁଁ ଅନେକ ସୈନ୍ୟ ଗୁରୁତର ଭାବେ ଆହତ ହୋଇଥିଲେ । ତେବେ ରାସାୟନିକ ଅସ୍ତ୍ରର ଏହି ବ୍ୟବହାର ଯୁଦ୍ଧର ଗତିପଥ ବଦଳାଇବାରେ ବିଶେଷ ସହାୟକ ହୋଇନଥିଲା । ସୂଚନାଯୋଗ୍ୟ ଯେ, ଏହି ଯୁଦ୍ଧ ଯୋଗୁଁ ପରିବେଶ ଉପରେ କୌଣସି ସ୍ଥାୟୀ ପ୍ରଭାବ ପଡ଼ିନଥିଲା, କିନ୍ତୁ ଅନେକ ସମୟ ପର୍ଯ୍ୟନ୍ତ ପରିବେଶ ଉପରେ ପ୍ରଭାବ ରହିଥିଲା ।

## ଦ୍ୱିତୀୟ ବିଶ୍ୱଯୁଦ୍ଧ

ଏହା ମାନବ ଇତିହାସରେ କେବଳ ପ୍ରାଣହାନି ନୁହେଁ, ବରଂ ପରିବେଶ ଓ ପରିସଂସ୍ଥା ବା ଇକୋସିଷ୍ଟମ ପାଇଁ ଅପୂରଣୀୟ କ୍ଷତି ପହଞ୍ଚାଇଥିଲା ।

## ଅନ୍ୟାନ୍ୟ ଉଦାହରଣ

**୧. ୧୯୩୮ର ହୁଆଙ୍ଗ ହେ**

ଦ୍ୱିତୀୟ ଚୀନ୍-ଜାପାନ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଜାପାନୀ ସେନାଙ୍କ ଅଗ୍ରଗତିକୁ ରୋକିବା ପାଇଁ ମଧ୍ୟ-ଚୀନ୍‌ର ଜାତୀୟତାବାଦୀ ସରକାରଙ୍କ ଦ୍ୱାରା ଏହି ବନ୍ୟା ସୃଷ୍ଟି କରାଯାଇଥିଲା । ଏହାକୁ ଇତିହାସର "ସବୁଠାରୁ ବଡ଼ ପରିବେଶ ଯୁଦ୍ଧ" ବୋଲି କୁହାଯାଏ ।

**୨. ବ୍ୟୁଫୋର୍ଟ୍ସ ଡାଇକ୍**

ଏହି ଗ୍ଲେସିଅରକୁ ବୋମା ଓ ବିସ୍ଫୋରକ ପଦାର୍ଥ ପକାଇବା ପାଇଁ ଏକ ଡମ୍ପିଂ ଗ୍ରାଉଣ୍ଡ ଭାବରେ ବ୍ୟବହାର କରାଯାଉଥିଲା, ଯାହା ପରିବେଶ ପ୍ରଦୂଷଣର କାରଣ ସାଜିଥିଲା ।

**୩. ଜିୟେ ପାୱାର ଷ୍ଟେସନ ତୈଳ ନିର୍ଗତ**

୨୦୦୬ ଇସ୍ରାଏଲ-ଲେବାନନ୍ ସଂଘର୍ଷ ସମୟରେ ଇସ୍ରାଏଲ୍ ବାୟୁସେନା ଦ୍ୱାରା ଏହି ପାୱାର ଷ୍ଟେସନ ଉପରେ ବୋମାମାଡ଼ କରାଯିବା ଫଳରେ ବ୍ୟାପକ ଭାବେ ତୈଳ ନିର୍ଗତ ହୋଇଥିଲା ।

**୪. ପୂର୍ବରୁ ବ୍ୟବହୃତ ପ୍ରତିରକ୍ଷା ସ୍ଥଳ**

ଏହା ଆମେରିକା ସାମରିକ ବାହିନୀର ଏକ କାର୍ଯ୍ୟକ୍ରମ, ଯାହା ପୁରୁଣା ପ୍ରତିରକ୍ଷା ସ୍ଥଳଗୁଡ଼ିକର ପରିବେଶ ପୁନରୁଦ୍ଧାର ପାଇଁ ଦାୟୀ ।

**୫ କେ 5 ଯୋଜନା**

୧୯୮୫ ରୁ ୧୯୮୯ ମଧ୍ୟରେ କାମ୍ବୋଡିଆରେ ଖମେର୍ ରୁଜ୍ ଗରିଲାମାନଙ୍କ ଅନୁପ୍ରବେଶ ପଥକୁ ବନ୍ଦ କରିବା ପାଇଁ 'ପିପୁଲ୍ସ ରିପବ୍ଲିକ୍ ଅଫ୍ କାମ୍ପୁଚିଆ' ସରକାରଙ୍କ ଦ୍ୱାରା ଏହି ଉଦ୍ୟମ କରାଯାଇଥିଲା, ଯାହାଫଳରେ ବ୍ୟାପକ ପରିବେଶ ଅବକ୍ଷୟ ଘଟିଥିଲା ।

ଯାହାର ପ୍ରଭାବ ଆଜି ମଧ୍ୟ ଅନୁଭୂତ ହେଉଛି । ଏହି ଯୁଦ୍ଧ ସମୟରେ ବିମାନ ଆକ୍ରମଣ ଏବଂ ସାମରିକ ଗତିବିଧି ଯୋଗୁଁ ଅନେକ କ୍ଷୟକ୍ଷତି ଦେଖିବାକୁ ମିଳିଛିଲା । ଏଥିରେ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ନଷ୍ଟ, ନୂଆ ପ୍ରଜାତିର ଜୀବ ଓ ଉଦ୍ଭିଦ ଅଜାଣତରେ ବିଭିନ୍ନ ଦ୍ୱୀପକୁ ସ୍ଥାନାନ୍ତରିତ ହେବା ଆଦି ରହିଥିଲା । ଏହି ପ୍ରକ୍ରିୟା ପାଇଁ ସ୍ଥାନୀୟ ଜୈବ ବିବିଧତା ବିପଦରେ ପଡିଥିଲା । ଯାହାଫଳରେ ଓ୍ୱେକ୍ ଆଇଲ୍ୟାଣ୍ଡ ରେଲ୍ ଭଳି ପକ୍ଷୀ ବିଲୁପ୍ତ ହୋଇଯାଇଥିଲେ । ଅଗଷ୍ଟ ୧୯୪୫ରେ ହିରୋସିମା ଏବଂ ନାଗାସାକିରେ ପରମାଣୁ ବୋମା ବିସ୍ଫୋରଣ ଯୋଗୁଁ ସୃଷ୍ଟି ହୋଇଥିବା ପ୍ରବଳ ଉତ୍ତାପ ଏବଂ ତେଜସ୍କ୍ରିୟ ବିକିରଣ ସେହି ଅଞ୍ଚଳର ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ସହ ଜଳ ଓ ସ୍ଥଳ ଭାଗକୁ ଦୂଷିତ କରିଦେଇଥିଲା । ଯୁଦ୍ଧ ସମୟରେ ବ୍ୟବହୃତ ହଜାର ହଜାର ଟନ୍ ବିଷାକ୍ତ ରସାୟନ ଓ ବିସ୍ଫୋରକକୁ ସମୁଦ୍ର ମଧ୍ୟରେ ନିକ୍ଷେପ କରାଯିବା ଦ୍ୱାରା ସାମୁଦ୍ରିକ ପରିସଂସ୍ଥା ପ୍ରତି ବିପଦ ସୃଷ୍ଟି ହୋଇଥିଲା । ସେହିଭଳି ଆଟଲାଣ୍ଟିକ ମହାସାଗରରେ ବୁଡ଼ିଯାଇଥିବା ଜାହାଜରୁ ନିର୍ଗତ ପ୍ରାୟ ୧୫ ମିଲିୟନ ଟନ୍ ତେଲ ଆଜି ବି ପାଣିକୁ ପ୍ରଦୂଷିତ କରୁଛି ବୋଲି ରିପୋର୍ଟସ ରହିଛି । ଏହାବ୍ୟତୀତ, ୟୁରୋପୀୟ ଜଙ୍ଗଲଗୁଡ଼ିକରୁ ବ୍ୟାପକ କାଠ କଟାଯିବା ଏବଂ ବାଲ୍ଟିକ୍ ସମୁଦ୍ରରେ ଏବେ ମଧ୍ୟ ସକ୍ରିୟ ଥିବା ହଜାର ହଜାର ସାମୁଦ୍ରିକ ମାଇନ୍ସ ପରିବେଶ ପାଇଁ ଏକ ବଡ଼ ସମସ୍ୟା ହୋଇ ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପୃଥିବୀର ପ୍ରାକୃତିକ ସମ୍ପଦ ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହିତ ଜୈବ ବିବିଧତାକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଥିଲା ।

## କୋରିଆ ଯୁଦ୍ଧ

କୋରିଆ ଯୁଦ୍ଧ ସମୟରେ ହୋଇଥିବା ବ୍ୟାପକ ସାମରିକ ଗତିବିଧି ପରିବେଶ ଉପରେ ଏକ କରାଳ ପ୍ରଭାବ ପକାଇଥିଲା । ତିନି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ସାଉଥ କୋରିଆ ଓ









ଆମେରିକା ମଧ୍ୟରେ ସଂଘର୍ଷରେ କେବଳ ପାରମ୍ପରିକ ଅସ୍ତ୍ରଶସ୍ତ୍ର ନୁହେଁ, ବରଂ ବ୍ୟାପକ ଭାବେ ରାସାୟନିକ ପଦାର୍ଥ ଓ ପତ୍ରଝଡ଼ା ରସାୟନର ବ୍ୟବହାର କରାଯାଇଥିଲା । ଏହା ସେଠାକାର ଜଙ୍ଗଲ ନଷ୍ଟ କରିବା ସହ ମୃତ୍ତିକାକୁ ପ୍ରଦୂଷିତ କରିଥିଲା ଏବଂ ବହୁ ସଂଖ୍ୟାରେ ପଶୁପକ୍ଷୀଙ୍କ ମୃତ୍ୟୁର କାରଣ ସାଜିଥିଲା । ଏହି ଯୁଦ୍ଧର ଦୀର୍ଘସ୍ଥାୟୀ ପ୍ରଭାବ ଆଜି ମଧ୍ୟ ସେହି ଅଞ୍ଚଳର ଇକୋସିଷ୍ଟମକୁ ପ୍ରଭାବିତ କରୁଛି, ଯାହା ପାଇଁ ବ୍ୟାପକ ପ୍ରାକୃତିକ ପୁନରୁଦ୍ଧାରର ଆବଶ୍ୟକତା ରହିଛି ।

## ଭିଏତନାମ ଯୁଦ୍ଧ (୧୯୫୯-୧୯୭୫)

ଭିଏତନାମ ଯୁଦ୍ଧ ପରିବେଶ ବିନାଶ ବା 'ଇକୋସାଇଡ୍'ର ଏକ ସ୍ପଷ୍ଟ ଉଦାହରଣ । ଶତ୍ରୁ ପକ୍ଷକୁ ଜଙ୍ଗଲରେ ଲୁଚିବାର ସୁଯୋଗ ନଦେବା ପାଇଁ ଆମେରିକୀୟ ସେନା ପ୍ରାୟ ୨୦ ମିଲିୟନ ଗ୍ୟାଲନରୁ ଅଧିକ ହର୍ବିସାଇଡ୍ (ତୃଣକନାଶକ) ସିଞ୍ଚନ କରିଥିଲେ, ଯାହା ଜଙ୍ଗଲଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଧୂସର ମାଟିରେ ପରିଣତ କରିଦେଇଥିଲା । ଏହି ରସାୟନ ଯୋଗୁଁ ପ୍ରାକୃତିକ ପୁନରୁଦ୍ଧାର ବାଧାପ୍ରାପ୍ତ ହୋଇଥିଲା ଏବଂ ଜଙ୍ଗଲରେ ପକ୍ଷୀ ଓ ସ୍ତନ୍ୟପାୟୀ ପ୍ରାଣୀଙ୍କ ସଂଖ୍ୟାରେ ବହୁଳ ହ୍ରାସ ଘଟିଥିଲା । ପରିବେଶବିତଙ୍କ ଅନୁଯାୟୀ, ଅକ୍ଷତ ଜଙ୍ଗଲ ତୁଳନାରେ ଏହି ରସାୟନ ପ୍ରଭାବିତ ଅଞ୍ଚଳରେ ଜୀବଜନ୍ତୁଙ୍କ ପ୍ରଜାତି ସଂଖ୍ୟା ମାତ୍ର ୨୦ ପ୍ରତିଶତକୁ ଖସି ଆସିଥିଲା ।

## ଆଫଗାନିସ୍ତାନ ଯୁଦ୍ଧ (୧୯୭୯-୨୦୨୧)

ଆଫଗାନିସ୍ତାନରେ ଦୀର୍ଘ ୪୨ ବର୍ଷ ଧରି ଚାଲିଥିବା ଯୁଦ୍ଧ ସେଠାକାର ପରିବେଶ ଏବଂ ସାମାଜିକ ସଂରଚନାକୁ ନଷ୍ଟ କରିଦେଇଥିଲା । ଆମେରିକୀୟ ସେନା ଦ୍ୱାରା ବ୍ୟବହୃତ 'ଓପନ-ଏୟାର ବର୍ଣ୍ଣ ପିଟ୍ସ' ବା ଖୋଲା ଆବର୍ଜନା ପୋଡ଼ିବା କୁଣ୍ଡରୁ ନିର୍ଗତ ବିଷାକ୍ତ ଧୂଆଁ ସାଧାରଣ ନାଗରିକଙ୍କ ମଧ୍ୟରେ ଅନେକ ମାରାତ୍ମକ ରୋଗର କାରଣ ସାଜିଛି । ଏହାବ୍ୟତୀତ, ଯୁଦ୍ଧ ଯୋଗୁଁ ସେଠାକାର ପାରମ୍ପରିକ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଶୁଷ୍କ ଜଳବାୟୁରେ ଜଳସେଚନର ଅଭାବ ଏବଂ ସାମରିକ ଗତିବିଧି କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ସହ ଆଫଗାନିସ୍ତାନରେ ଅଫିମ ଚାଷ ବୃଦ୍ଧି କରିବାରେ ପରୋକ୍ଷ ଭାବେ ସହାୟକ ହୋଇଛିବୋଲି ଆଲୋଚନା ହୋଇଥାଏ ।

## ଗଲ୍ଫ ୱାର୍ ଏବଂ ଇରାକ ଯୁଦ୍ଧ

୧୯୯୧ ଗଲ୍ଫ ୱାର୍ ସମୟରେ ଇରାକୀ ସେନାଙ୍କ ଜଳାପୋଡ଼ା ନୀତି ଯୋଗୁଁ କୁଏତର ଅନେକ ତୈଳ କୂପରେ ନିଆଁ ଲଗାଇ ଦିଆଯାଇଥିଲା ଏବଂ ପାରସ୍ୟ ଉପସାଗରରେ ବିପୁଳ ପରିମାଣର ତେଲ ଢଳାଯାଇଥିଲା । ଯାହା ଇତିହାସର ସବୁଠାରୁ ଭୟଙ୍କର ତୈଳ ପ୍ରଦୂଷଣ ଭାବେ ଗଣାଯାଏ । ଏହି କାରଣରୁ ସାଉଦି ଆରବର ଉପକୂଳବର୍ତ୍ତୀ ପ୍ରାୟ ୩୪ କିଲୋମିଟର ପର୍ଯ୍ୟନ୍ତ ପ୍ରାକୃତିକ ସମ୍ପଦ ନଷ୍ଟ ହେବା ସହ ଜଳଭାଗ ଗୁରୁତର ଭାବେ ପ୍ରଦୂଷିତ ହୋଇଥିଲା । ଏହାର ସବୁଠାରୁ ବଡ଼ ପ୍ରଭାବ ପକ୍ଷୀ ଜଗତ ଉପରେ ପଡ଼ିଥିଲା । ପ୍ରାୟ ୧ ଲକ୍ଷରୁ ଅଧିକ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟିବା ସହ ଅନେକ ପ୍ରଜାତିର ସଂଖ୍ୟା ୨୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା । ସେହିପରି ୨୦୦୩ ଇରାକ ଯୁଦ୍ଧ ସମୟରେ ସାମରିକ ଯାନରୁ ନିର୍ଗତ ତେଲ ଏବଂ ଗୋଳାବାରୁଦରେ ବ୍ୟବହୃତ ୟୁରାନିୟମ୍ ଯୋଗୁଁ ପାନୀୟ ଜଳ ଉତ୍ସଗୁଡ଼ିକ ବିଷାକ୍ତ ହୋଇଯାଇଥିଲା । ଅନେକ ସାମରିକ କର୍ମଚାରୀ 'ଗଲ୍ଫ ୱାର୍ ସିଣ୍ଡ୍ରୋମ୍' ଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଏହି ଅଞ୍ଚଳର ଜଙ୍ଗଲ ଓ ଜୈବ ବିବିଧତା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି ।





## ରୁଷ ୟୁକ୍ରେନ ଯୁଦ୍ଧ

ୟୁକ୍ରେନ ଉପରେ ରୁଷର ଆକ୍ରମଣ ଯୋଗୁଁ ବ୍ୟାପକ ପରିବେଶଗତ କ୍ଷତି ଘଟିଛି, ଯାହାକୁ ଆନ୍ତର୍ଜାତୀୟ ପର୍ଯ୍ୟବେକ୍ଷକମାନେ 'ଇକୋସାଇଡ୍' ବୋଲି ନାଁ ଦେଇଛନ୍ତି । ଯୁଦ୍ଧରେ ବ୍ୟବହୃତ ପ୍ରତ୍ୟେକ ବିସ୍ଫୋରଣରୁ ସିସା, ପାରଦ ଏବଂ ୟୁରାନିୟମ୍ ଭଳି ବିଷାକ୍ତ କଣିକା ନିର୍ଗତ ହୋଇ ପବନ, ଜଳ ଏବଂ ମୃତ୍ତିକାକୁ ପ୍ରଦୂଷିତ କରୁଛି । ଶିଳ୍ପାଞ୍ଚଳରେ ଚାଲିଥିବା ସଂଘର୍ଷ ଯୋଗୁଁ ବିଷାକ୍ତ ପଦାର୍ଥ ଓ ଜାଳେଣି ନିର୍ଗତ ହୋଇ ୟୁକ୍ରେନ ସମେତ ସମଗ୍ର ୟୁରୋପ ପାଇଁ ବିପଦ ସୃଷ୍ଟି କରିଛି । ଏହି କାରଣରୁ ୪୦ ଲକ୍ଷରୁ ଅଧିକ ଲୋକ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି । ଯୁଦ୍ଧ ପ୍ରଭାବିତ ଅଞ୍ଚଳର ମାଟି ଏବେ ଚାଷ ପାଇଁ ଅଯୋଗ୍ୟ ହୋଇପଡ଼ିଛି ଏବଂ ପରମାଣୁ କେନ୍ଦ୍ରଗୁଡ଼ିକ ନିକଟରେ ଚାଲିଥିବା ଲଢ଼େଇ ଭୟଙ୍କର ଦୁର୍ଘଟଣାର ଆଶଙ୍କା ବଢ଼ାଇଛି । ଏହାବ୍ୟତୀତ, ପ୍ରାୟ ୧୨,୦୦୦ ବର୍ଗ କିଲୋମିଟର ପରିମିତ ପ୍ରାକୃତିକ ସଂରକ୍ଷିତ ଅଞ୍ଚଳ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି, ଯାହାଦ୍ୱାରା ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଓ ପକ୍ଷୀ ସେମାନଙ୍କ ବାସସ୍ଥାନ ହରାଇଛନ୍ତି । ପ୍ରାଥମିକ ଆକଳନ ଅନୁଯାୟୀ, ଯୁଦ୍ଧ ଶେଷ ହେବା ପରେ ୟୁକ୍ରେନର ପ୍ରକୃତିକୁ ପୁନର୍ବାର ସ୍ୱାଭାବିକ ଅବସ୍ଥାକୁ ଫେରିବା ପାଇଁ ଅତିକମରେ ୧୫ ବର୍ଷ ସମୟ ଲାଗିବ । ଯାହା ସାରା ବିଶ୍ୱ ପାଇଁ ଏକ ସତର୍କର ଘଣ୍ଟି ପାଲଟିଛି ।

## ଗାଜା ଯୁଦ୍ଧ

ଗାଜା ଉପରେ ଚାଲିଥିବା ଇସ୍ରାଏଲର ଆକ୍ରମଣ ଯୋଗୁଁ ସେଠାକାର ପରିବେଶ ସମ୍ପୂର୍ଣ୍ଣ ଭାବେ ଛିନ୍ନଭିନ୍ନ ହୋଇଯାଇଛି । ୨୦୨୪ ମାର୍ଚ୍ଚ ସୁଦ୍ଧା ଗାଜାର ପ୍ରାୟ ଅଧା କୃଷିଜମି ନଷ୍ଟ ହୋଇଯାଇଥିବା ବେଳେ ୨୦୨୫ ଜାନୁଆରୀ ସୁଦ୍ଧା ପ୍ରାୟ ୮୦ ପ୍ରତିଶତ ଜଙ୍ଗଲ ଧ୍ୱଂସ ପାଇଛି । ନିରନ୍ତର ବୋମାମାଡ଼ ଏବଂ ଅବରୋଧ ଯୋଗୁଁ ଗାଜାର ପୌର ସେବା, ଯଥା ନର୍ଦ୍ଦମା ଜଳ ବିଶୋଧନ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ପ୍ରତିଦିନ ପ୍ରାୟ ୧,୩୦,୦୦୦ କ୍ୟୁବିକ୍ ମିଟର ଅବିଶୋଧିତ ନର୍ଦ୍ଦମା ଜଳ ସମୁଦ୍ରକୁ ଛଡ଼ାଯାଉଥିବାରୁ ଜଳରାଶି ଗୁରୁତର ଭାବେ ପ୍ରଦୂଷିତ ହୋଇଛି । ଏହାବ୍ୟତୀତ, ବୋମାମାଡ଼ ଯୋଗୁଁ ପ୍ରାୟ ୫୦ ମିଲିୟନ ଟନ୍‌ର ବିପଜ୍ଜନକ ଆବର୍ଜନା ଓ ଭଗ୍ନାବଶେଷ ସୃଷ୍ଟି ହୋଇଛି । ଗାଜାର କୃଷି ବ୍ୟବସ୍ଥାକୁ ଯୋଜନାବଦ୍ଧ ଭାବେ





ନଷ୍ଟ କରାଯାଇଥିବାରୁ ଏହାକୁ 'ଇକୋସାଇଡ୍' ବା ପରିବେଶ ସଂହାର ଭାବେ ଅଭିହିତ କରାଯାଇ ରୋମ୍ ଷ୍ଟାଟ୍ୟୁଟ୍ ଅନୁଯାୟୀ ଯୁଦ୍ଧ ଅପରାଧର ତଦନ୍ତ ପାଇଁ ଦାବି ହୋଇଛି ।

## ଇସ୍ରାଏଲ - ଇରାନ ସଂଘର୍ଷ

ଏହି ସଂଘର୍ଷ ସମୟରେ ପ୍ରମୁଖ ତୈଳ ଏବଂ ଗ୍ୟାସ୍ କମ୍ପ୍ଲେକ୍ସଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା, ଯାହାଫଳରେ ତୈଳ ଯୋଗାଣରେ ବ୍ୟାପକ ବାଧା ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଏହା ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସିର "ଗ୍ଲୋବାଲ୍ ଏନର୍ଜି ରିଭ୍ୟୁ ୨୦୨୫" ର ପୂର୍ବାନୁମାନକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି, ଯେଉଁଥିରେ ବୈଦ୍ୟୁତିକ ଯାନ ବା ଇଭି ଆଡକୁ ସମାଜର ପରିବର୍ତ୍ତନ ଯୋଗୁଁ ତୈଳ ବ୍ୟବହାର ହ୍ରାସ ପାଇବା ନେଇ ଆକଳନ କରାଯାଇଥିଲା । ତୈଳର ବର୍ଦ୍ଧିତ ମୂଲ୍ୟ ଅକ୍ଷୟ ଶକ୍ତି ଆଡକୁ ଯିବା ପ୍ରକ୍ରିୟାକୁ ମନ୍ଥର କରିପାରେ, କାରଣ ଏଭଳି ଅସ୍ଥିରତା ସମୟରେ ଜୀବାଶ୍ମ ଜାଳେଣି ଏକ "ଜରୁରୀକାଳୀନ" ସୁରକ୍ଷା କବଚ ଭାବରେ ଉଭା ହୋଇଛି । ବର୍ତ୍ତମାନ ଚାଲିଥିବା ଇରାନ _ ଇସ୍ରାଏଲ ଯୁଦ୍ଧ ସମସ୍ତଙ୍କର ମୁଣ୍ଡବିନ୍ଧା ବଢାଇଛି । ଇରାନ ଦ୍ୱାରା ହରମୁଜ ପ୍ରଣାଳୀ ଅବରୋଧ ଯୋଗୁଁ ସମଗ୍ର ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ଅସୁବିଧାରେ ପଡିଛନ୍ତି । ଉପସାଗରୀୟ ଦେଶ ଏବଂ ବାଣିଜ୍ୟିକ ଜାହାଜ ଉପରେ ଇରାନର ଆକ୍ରମଣ ପାରସ୍ୟ ଉପସାଗରରେ ପରିବେଶ ସମ୍ବନ୍ଧୀୟ ଦୁର୍ଘଟଣାର ଆଶଙ୍କା ବଢ଼ାଇ ଦେଇଛି । ଏଥିସହ, ସାମରିକ ଭିତ୍ତିଭୂମି ଉପରେ ଆମେରିକା-ଇସ୍ରାଏଲ ଏବଂ ଇରାନର ଆକ୍ରମଣ ଯୋଗୁଁ ସାମରିକ ପ୍ରତିଷ୍ଠାନ ଗୁଡ଼ିକରୁ ବିପଜ୍ଜନକ ରାସାୟନିକ ପଦାର୍ଥ ନିର୍ଗତ ହେବାର ଭୟ ରହିଛି । ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କିମ୍ବା ଜଳ ବିଶୋଧନ କେନ୍ଦ୍ର ଉପରେ ଇରାନର ଆକ୍ରମଣ ଯୋଗୁଁ ଅନେକ ପରିବେଶଗତ ବିପଦ ସୃଷ୍ଟି ହୋଇପାରେ ବୋଲି ସତର୍କ କରାଯାଇଛି । ସେହିଭଳି ଏହି ଯୁଦ୍ଧରେ ଆମେରିକାର ଯୋଗଦାନ ଯୁଦ୍ଧକୁ ଆହୁରି ବ୍ୟାପକ ଏବଂ ଭୟଙ୍କର କରିଛି ।

## ରୁଆଣ୍ଡା (୧୯୯୪)

ରୁଆଣ୍ଡା ଗଣସଂହାର ଫଳରେ ପ୍ରାୟ ୮୦୦,୦୦୦ ଟୁଟସି ଏବଂ ନରମପନ୍ଥୀ ହୁଟୁ ସମ୍ପ୍ରଦାୟର ଲୋକଙ୍କୁ ହତ୍ୟା କରାଯାଇଥିଲା । ଏହି ଯୁଦ୍ଧ ଯୋଗୁଁ ମାତ୍ର କିଛି ସପ୍ତାହ ମଧ୍ୟରେ ପ୍ରାୟ ୨ ନିୟୁତ ହୁଟୁ ସମ୍ପ୍ରଦାୟର ଲୋକ ରୁଆଣ୍ଡା ଛାଡ଼ି ପଳାୟନ କରିଥିଲେ । ଶରଣାର୍ଥୀ ଶିବିରଗୁଡ଼ିକରେ ଲୋକଙ୍କର ଏହି ବୃହତ ବିସ୍ଥାପନ ଆଖପାଖର ପରିବେଶ ଉପରେ ପ୍ରବଳ ଚାପ ସୃଷ୍ଟି କରିଥିଲା। ବାସସ୍ଥାନ ନିର୍ମାଣ ଏବଂ ରୋଷେଇ ପାଇଁ କାଠ ଯୋଗାଇବା ଉଦ୍ଦେଶ୍ୟରେ ଜଙ୍ଗଲ ସଫା କରାଯାଇଥିଲା । ଏହି ଲୋକମାନେ କଠୋର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ଏବଂ ପ୍ରାକୃତିକ ସମ୍ପଦ ଉପରେ ଏକ ବଡ଼ ବିପଦ ସୃଷ୍ଟି କରିଥିଲେ । ଏହି ସଂଘର୍ଷର ପରିଣାମ ସ୍ୱରୂପ ଜାତୀୟ ଉଦ୍ୟାନ ଏବଂ ସଂରକ୍ଷିତ ଅଞ୍ଚଳଗୁଡ଼ିକର ଅବକ୍ଷୟ ଘଟିଥିଲା । ଅନ୍ୟ ଏକ ବଡ଼ ସମସ୍ୟା ଥିଲା ଯେ, ରୁଆଣ୍ଡାରେ ଜନସଂଖ୍ୟା ହ୍ରାସ ପାଇବା କାରଣରୁ ସରକାରୀ କର୍ମଚାରୀ ଏବଂ ପୁଞ୍ଜି ଦେଶର ଅନ୍ୟ ଅଂଶକୁ ସ୍ଥାନାନ୍ତରିତ ହୋଇଗଲା, ଯାହାଫଳରେ ବନ୍ୟଜନ୍ତୁମାନଙ୍କୁ ସୁରକ୍ଷା ଦେବା କଷ୍ଟକର ହୋଇପଡ଼ିଥିଲା ।

## ପ୍ରକୃତିର ସୁରକ୍ଷା ଅପରିହାର୍ଯ୍ୟ

ପରିଶେଷରେ ଯୁଦ୍ଧ କେବଳ ମାନବ ସଭ୍ୟତା, ଧନଜୀବନ ଏବଂ ଅର୍ଥନୀତିକୁ ଛାରଖାର କରେ ନାହିଁ, ବରଂ ଏହା ପ୍ରକୃତି ଓ ପରିବେଶ ଉପରେ ଏଭଳି ଗଭୀର ତଥା ଦୀର୍ଘସ୍ଥାୟୀ କ୍ଷତ ସୃଷ୍ଟି କରେ, ଯାହାକୁ ଭରଣା କରିବା ପାଇଁ

ଦ ଶ ନ୍ଧି

ଦଶନ୍ଧି କିମ୍ବା ଶତାବ୍ଦୀ ସମୟ ଲାଗିଯାଏ। ସାମରିକ କାର୍ଯ୍ୟକଳାପ ଯୋଗୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ, ଭାରୀ ଧାତୁ ଏବଂ ବିସ୍ଫୋରକର ଅବଶେଷ ଜଳ, ବାୟୁ ଏବଂ ମୃତ୍ତିକାକୁ ଦୀର୍ଘକାଳ ପର୍ଯ୍ୟନ୍ତ ପ୍ରଦୂଷିତ କରି ରଖେ, ଯାହା ସ୍ଥାନୀୟ ଜୈବ ବିବିଧତା ପାଇଁ ଏକ ମାରାତ୍ମକ ବିପଦ ସାଜିଥାଏ। ଯୁଦ୍ଧ ସମୟରେ ଜଳ ବିଶୋଧନ କେନ୍ଦ୍ର, ତୈଳ ସଂରକ୍ଷଣାଗାର ଏବଂ ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯିବା ଫଳରେ ଯେଉଁ ପରିବେଶଗତ ବିପର୍ଯ୍ୟୟ ସୃଷ୍ଟି ହୁଏ, ତାହା କୌଣସି ପ୍ରାକୃତିକ ଦୁର୍ବିପାକଠାରୁ କମ୍ ନୁହେଁ। ଏହା ବ୍ୟତୀତ, ସଶସ୍ତ୍ର ସଂଘର୍ଷ ସମୟରେ ବ୍ୟାପକ ଜଙ୍ଗଲ ନଷ୍ଟ ହେବା ଏବଂ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯିବା ଫଳରେ ଅନେକ ଦୁର୍ଲଭ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯାଆନ୍ତି। ଯୁଦ୍ଧ ପରବର୍ତ୍ତୀ ସମୟରେ ଶରଣାର୍ଥୀଙ୍କ ବୃହତ ବିସ୍ଥାପନ ପ୍ରାକୃତିକ ସମ୍ପଦ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରିଥାଏ। ଏହା ପରିବେଶର ସୂକ୍ଷ୍ମ ସନ୍ତୁଳନକୁ ସମ୍ପୂର୍ଣ୍ଣ ରୂପେ ବିଗାଡ଼ି ଦିଏ। ପୁନଶ୍ଚ, ବିଶ୍ୱ ଶକ୍ତି ସୁରକ୍ଷାରେ ଅସ୍ଥିରତା ଉପୁଜିଲେ ଦେଶଗୁଡ଼ିକ ପୁନର୍ବାର କୋଇଲା ଭଳି ପ୍ରଦୂଷଣକାରୀ ଜୀବାଶ୍ମ ଜାଳେଣି ଆଡ଼କୁ ମୁହାଁଇବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ୍ ୱାର୍ମିଂ ଭଳି ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିବାର ଆଶଙ୍କା ରହିଛି । ପରିଶେଷରେ, ଆଧୁନିକ ଯୁଗରେ ଯୁଦ୍ଧର ପ୍ରଭାବ କେବଳ ସଂଘର୍ଷରତ ସୀମା ମଧ୍ୟରେ ଆବଦ୍ଧ ନୁହେଁ, ବରଂ ଏହା ଏକ ବିଶ୍ୱସ୍ତରୀୟ ପରିବେଶଗତ ସଙ୍କଟ। ଯୁଦ୍ଧ ଦ୍ୱାରା ହେଉଥିବା ପରିବେଶ ପ୍ରଦୂଷଣର କୌଣସି ଭୌଗୋଳିକ ସୀମା ନଥାଏ, ଏହା ପବନ ଓ ଜଳ ମାଧ୍ୟମରେ ସମଗ୍ର ପୃଥିବୀକୁ ପ୍ରଭାବିତ କରିଥାଏ। ତେଣୁ, ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ଏବଂ ସୁରକ୍ଷିତ ଧରଣୀ ଛାଡ଼ିଯିବାକୁ ହେଲେ ଆନ୍ତର୍ଜାତୀୟ ସ୍ତରରେ ଶାନ୍ତି ପ୍ରତିଷ୍ଠାକୁ ପ୍ରାଥମିକତା ଦେବା ସହିତ ପରିବେଶ ସୁରକ୍ଷାକୁ ଯୁଦ୍ଧ ରୀତିନୀତିର ଏକ ଅପରିହାର୍ଯ୍ୟ ଅଂଶ ଭାବେ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ପ୍ରକୃତିର ସୁରକ୍ଷା ବିନା ମାନବ ଜାତିର ସୁରକ୍ଷା ଅସମ୍ଭବ ।





# ପିଲା ବହି ପଢ଼ିବ କେମିତି ?

ଆଜିକାଲି ଅନେକ ଅଭିଭାବକ ବିଶେଷକରି ଯୁବ ବାପା, ମା' କହୁଛନ୍ତି ଯେ ପିଲା ମୋବାଇଲ ନ ଦେଖିଲେ ଖାଉନାହିଁ । ତାକୁ ଖୁଆଇବା ପାଇଁ ତା' ହାତରେ ମୋବାଇଲଟିଏ ଦେବାକୁ ପଡୁଛି । ସେ ଯେତେବେଳେ ମୋବାଇଲରେ ଦେଖୁଛି ସେହି ସମୟରେ ମୁଁ ତାକୁ ଖୁଆଉଛି । ଶିଶୁମାନଙ୍କୁ ନେଇ ହେଉଥିବା ସାମ୍ପ୍ରତିକ ଗବେଷଣା କହୁଛି, ଦୁଗ୍ଧପୋଷ୍ୟ ଅବସ୍ଥାରୁ ପିଲା ମୋବାଇଲ ଦେଖିବା ଫଳରେ କ୍ରମଶଃ ପିଲାମାନଙ୍କର କଥା କହିବା ସମୟ ବଢ଼ି ଯାଉଛି । ସେମାନେ ଡେରିରେ କଥା କହିବା ଆରମ୍ଭ କରୁଛନ୍ତି । ଅନ୍ୟ ପିଲା ସହିତ ଭଲ ମିଶି ପାରୁନାହାଁନ୍ତି । ସେମାନଙ୍କର ସାମଜିକୀକରଣ (ସୋସିଆଲାଇଜେସନ) ହୋଇପାରୁନାହିଁ । ଆଉ ଟିକେ ବଡ଼ିଗଲା ପରେ ପିଲାମାନେ ମୋବାଇଲରେ ଅତ୍ୟଧିକ ଆସକ୍ତ ହେଇଯାଉଛନ୍ତି । ଲଗାତାର କିଛି ସମୟ ବହି ପଢି ପାରୁ ନାହିଁ । ପାଠରେ ଅଧିକ ସମୟ ମନୋଯୋଗ କରି ପାରୁନାହିଁ । ଏ ସବୁ ସମସ୍ୟା ବିଷୟରେ ଅଭିଭାବକମାନେ ଜାଣିଛନ୍ତି, ଏ ବିଷୟରେ ଆଲୋଚନା ବି କରୁଛନ୍ତି । ପ୍ରଶ୍ନ କରୁଛନ୍ତି, ପିଲାମାନଙ୍କର ମୋବାଇଲ ଆସକ୍ତି କମେଇବା କେମିତି ? ଏହାର ସରଳ ଉତ୍ତର ହେଉଛି, ଆପଣମାନେ ନିଜେ ଯଦି ଘରେ ମୋବାଇଲ ବ୍ୟବହାର କମ୍ କରିବେ, ତେବେ ପିଲାର ମୋବାଇଲ ବ୍ୟବହାର ଆପେ ଆପେ କମ୍ ହେଇଯିବ । କେତେକ ଯୁବ ବାପାମା କହିଲେ, ଆମ ପିଲା ମୋବାଇଲ ନ ଦେଖିଲେ ଖାଉ ନାହିଁ । କ'ଣ କରିବି, ବାଧ୍ୟ ହୋଇ ପିଲା ହାତରେ ମୋବାଇଲ ଦେବାକୁ ପଡୁଛି । ଏହାଠାରୁ ହାସ୍ୟକର ଆଉ ଭ୍ରମାତ୍ମକ ଯୁକ୍ତି ଆଉ କିଛି ଥାଇ ନ ପାରେ । ମଣିଷର ଉତ୍ପତ୍ତି ୩ ଲକ୍ଷ ବର୍ଷରୁ ଅଧିକ ସମୟ ହେଲାଣି । ମୋବାଇଲ ଭାରତକୁ ଆସିଛି ମାତ୍ର ୩୦ ବର୍ଷ ହେଲା । ମୋବାଇଲ ଭାରତକୁ ଆସିବା ପୂର୍ବରୁ ବି ପିଲା ଖାଉଥିଲେ । ଏବେବି ପିଲା ଖାଇବ; ତାକୁ ଯେତେବେଳେ ଭୋକ ହେବ ସେ ଆପେ ଖାଇବ ।

ପିଲାଙ୍କର ମୋବାଇଲ ଆସକ୍ତି ବିଷୟରେ ମୋର କହିବା କଥା ହେଲା: ପିଲା ବାପମା'ଙ୍କୁ ଦେଖି ଶିଖେ । ବାପା ମା' ଯଦି ଘଣ୍ଟା ଘଣ୍ଟା ଧରି ମୋବାଇଲ ସ୍କ୍ରଲ କରୁଥିବେ, ରିଲ୍ ଦେଖୁଥିବେ, ଗପୁଥିବେ- ସିଏ ବି ତାହା ଦେଖିବ ଏବଂ କ୍ରମଶଃ ସେଥିରେ ଆସକ୍ତ ହୋଇପଡ଼ିବ । ଆପଣମାନେ ନିଜେ ଫୋନଟାକୁ ଦୂରରେ ରଖି ବହି ପଢ଼ନ୍ତୁ, ପିଲା ଆପଣଙ୍କ ଦେଖାଦେଖି ବହି ପଢ଼ିବ । ଆପଣ ପିଲାଙ୍କୁ ଗପ କୁହନ୍ତୁ, ପିଲା ଗପ ଶୁଣିବ ଏବଂ କ୍ରମଶଃ ବହିରୁ ଗପ ପଢ଼ିବା ଆରମ୍ଭ କରିବ । ଛୋଟବେଳୁ ପିଲାଙ୍କୁ ଦିଗ୍ଗଜ କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଛୋଟବେଳୁ ପିଲାଙ୍କୁ କେବଳ ପାଠ ବହି ପଢ଼େଇ ପାଠ ପ୍ରତି ତା'ର ଗୋଟେ ବିତୃଷ୍ଣା ସୃଷ୍ଟି କରେଇ ଦିଅନ୍ତୁନି । ପଢ଼ିବାକୁ ଭଲପାଇବା ଶିଖାନ୍ତୁ । ପିଲା ଯେତେବେଳେ ଭଲ ପାଇ ବହି ପଢ଼ିବ, ସେ ନିଜେ ପାଠ ବହି ବି ପଢ଼ିବ, ଆପଣଙ୍କୁ କହିବା ପାଇଁ ପଡିବନି ।



# ମୃଣାଳ

www.mrinalch-
-atterjee.com

## ପଥପ୍ରାନ୍ତ ପାଠାଗାର



କ୍ରମଶଃ ପଠନ ଅଭ୍ୟାସ ହ୍ରାସ ପାଇବା- ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ପଠନ ଅଭ୍ୟାସ ବଢେଇବା ପାଇଁ ବିଭିନ୍ନ ଦେଶ ଓ ଅନୁଷ୍ଠାନ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଅନେକ ସଂସ୍ଥା ଏବଂ ବ୍ୟକ୍ତି ମଧ୍ୟ ଏ ଦିଗରେ ପଦକ୍ଷେପ ନେଉଛନ୍ତି । ଓଡ଼ିଶାରେ ବକୁଳ ଫାଉଣ୍ଡେସନ ବିଭିନ୍ନ ସର୍ବସାଧାରଣ ଜାଗାରେ ମୁକ୍ତ ପାଠାଗାର ସ୍ଥାପନ କରିଛନ୍ତି । ଢେଙ୍କାନାଳର ଭାରତୀୟ ଜନସଂଚାର ସଂସ୍ଥାନ, ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟ, ବରଗଡ଼ର ଇମ୍ପେରିଆଲ କଲେଜ ତାଙ୍କ ପରିସରରେ ମୁକ୍ତ ପାଠାଗାର ସ୍ଥାପନ କରିଛନ୍ତି । ସମ୍ବଲପୁରର ସମଲେଶ୍ୱରୀ ବାଟିକାରେ ବ୍ୟକ୍ତିଗତ ଉଦ୍ୟମରେ ସ୍ଥାପିତ ହୋଇଛି 'ଅମୃତ' ମୁକ୍ତ ପାଠାଗାର । ଭୁବନେଶ୍ୱରର କାନନବିହାର ଫେଜ ଟୁରେ ଏକ ସୁନ୍ଦର ଏବଂ ପ୍ରେରଣାଦାୟକ ଦୃଶ୍ୟ ନଜରରେ ପଡିଲା । ପଥପ୍ରାନ୍ତରେ ଗଢ଼ିଉଠିଛି ଏକ ଛୋଟ ପାଠାଗାର, ଯେଉଁଠି କିଛି ବହି ସୁନ୍ଦର ଭାବେ ସଜାଯାଇଛି । ଯାହାକୁ ଯେକେହି ପଥଚାରୀ ସହଜରେ ନେଇ ପଢିପାରିବେ ଏବଂ ଫେରାଇ ରଖିଦେଇ ପାରିବେ । ବ୍ୟକ୍ତିଗତ ସ୍ତରରେ ଏପରି ପ୍ରୟାସ ଆମ ସମାଜରେ ପଢ଼ା ଅଭ୍ୟାସକୁ ବଢ଼ାଇବା କ୍ଷେତ୍ରରେ ନିଶ୍ଚୟ ସହାୟକ ହେବ ।

**ଫଟୋ: ଶିଶିର ଶତପଥି, ମୃଣାଳ**

## ଟ୍ରକ ପଛରେ ଲେଖା

ଛତିଶଗଡ଼ ନମ୍ବରପ୍ଲେଟ ଲାଗିଥିବା ଏକ ଟ୍ରକ ପଛରେ ଲେଖା ହୋଇଛି:

ପ୍ରଜାପତି ରସ ପିଏ, ଭଁଅର ବଦନାମ
ସାରା ଦୁନିଆ ମଦ ପିଏ, ଡ୍ରାଇଭର ବଦନାମ ॥

ମୂଳ ହିନ୍ଦୀ :

ତିତଲିଆଁ ରସ ପିତି ହୈ , ଭୌଁରେ ବଦନାମ ହୋତେ ହୈ
ଶରାବ ଦୁନିଆ ପିତି ହୈ , ଡ୍ରାଇଭର ବଦନାମ ହୋତେ ହୈ ॥

# ବାରାଣସୀର ଅଟୋ



ବାରାଣସୀ ସହରରେ, ବିଶେଷ କରି ଏହାର ପୁରୁଣା ଅଞ୍ଚଳଗୁଡ଼ିକରେ ଯାତାୟାତର ମୁଖ୍ୟ ସାଧନ ହେଲା- ଅଟୋ । ଆଉ ଏଠିକାର ଅଟୋଚାଳକମାନେ ସମସ୍ତେ ହେଲେ 'ଖତରୋ କେ ଖିଲାଡ଼ି' । ନିଜର, ଅଟୋରେ ବସିଥିବା ଲୋକଙ୍କର, ରାସ୍ତାରେ ଯାଉଥିବା ଲୋକମାନଙ୍କର- କାହାରି ଜୀବନର ପରବାୟ ନ କରି ସେମାନେ ଯେମିତି ବେଗରେ ଅଟୋକୁ ଭିଡ଼ ରାସ୍ତା ହେଉ କି ସଂକୀର୍ଣ୍ଣ ଗଳି - ତା ଭିତରେ ଚଳାନ୍ତି - ମୁଁ ଆଉ କେଉଁ ସହରରେ ଏମିତି ଦେଖିନି । ଯଦି କେବେ ଆପଣଙ୍କୁ ଲାଗେ ଯେ ଜୀବନରେ ରୋମାଞ୍ଚର ଅଭାବ ଅଛି, ତେବେ ବାରାଣସୀରେ ଗୋଟିଏ ଅଟୋରେ ବସନ୍ତୁ । ବାସ ରୋମାଞ୍ଚ ହି ରୋମାଞ୍ଚ । ପ୍ରତି ମୁହୂର୍ତ୍ତରେ ଆପଣଙ୍କୁ ଲାଗିବ - ଏହା ଆପଣଙ୍କ ଜୀବନର ଶେଷ ଯାତ୍ରା । ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସମୟରେ- କିଛିଟା ଅସ୍ତବ୍ୟସ୍ତ, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ସୁରକ୍ଷିତ । ଆପଣ ଗୋଟିଏ ଗଭୀର ସତ୍ୟ ବୁଝି ପାରିବେ: ବାରାଣସୀରେ ଅଟୋ ଯାତ୍ରା ଆପଣଙ୍କୁ ଆସ୍ଥାର ପାଠ ପିଏଚଡି ଯାଏ ପଢ଼େଇ ଦିଏ । ବନାରସର ଅଟୋରେ କେଇଥର ଯାତ୍ରା କଲା ପରେ ଆପଣ ଗଭୀର ଈଶ୍ୱର ବିଶ୍ୱାସୀ ହୋଇଯିବେ- ମୁଁ ଗ୍ୟାରେଣ୍ଟି ସହକାରେ କହିପାରେ । ବାରାଣସୀ ବିଷୟରେ ବାକି କଥା ଆସନ୍ତା ସପ୍ତାହରେ ।

# ବାରାଣସୀ

ଏହା ଭିତରେ ମୁଁ ସପରିବାରେ କିଛିଦିନ ପାଇଁ ବାରାଣସୀ ଯାଇଥିଲି । ଶେଷ ଥର ମୁଁ ବାରାଣସୀ (ବା ବନାରସ ବା କାଶୀ) ଯାଇଥିଲି ୧୨-୧୪ ବର୍ଷ ତଳେ । ଏଇ କାଳଖଣ୍ଡ ଭିତରେ ବାରାଣସୀ ବେଶ ବଦଳି ଯାଇଛି । ରେଳ ଷ୍ଟେସନରୁ ବାହାରକୁ ଆସିଲା ପରେ ମନେହେଲା ପ୍ରାଚୀନ ଏ ସହରଟି ଯେମିତି ବ୍ୟାଟେରି ଚାଳିତ ଅଟୋରେ ସବାର ହୋଇ ଭବିଷ୍ୟତ ଆଡ଼କୁ ଅଣନିଶ୍ୱାସୀ ହୋଇ ଛୁଟି ଚାଲିଛି । କିନ୍ତୁ ଯିବ କଉଠି ସେ ଠିକଣା ତା' ପାଖରେ ନାହିଁ । ଗଙ୍ଗା ନଦୀ କୂଳରେ ଅବସ୍ଥିତ ବାରାଣସୀ ବିଶ୍ୱର ସବୁଠୁ ପୁରାତନ ନିରନ୍ତର ଆବାସିତ ସହର ମଧ୍ୟରୁ ଗୋଟିଏ । ଏ ସହରର ଜନ୍ମ, ବୃଦ୍ଧି ଆଉ ପ୍ରସାର ଗଙ୍ଗା ନଦୀକୂଳରେ ଅବସ୍ଥିତ ୮୦ରୁ ଅଧିକ ଘାଟ ଆଉ ଘାଟ ସନ୍ନିକଟରେ ଦେବାଳୟ ଏବଂ ବିଭିନ୍ନ ଧର୍ମର ଉପାସନା ଗୃହଗୁଡ଼ିକୁ କେନ୍ଦ୍ର କରି । ପ୍ରଭାତ ଏଠି ଗଙ୍ଗାଘାଟରେ ଶାନ୍ତ ଭାବରେ ଆରମ୍ଭ ହୁଏ—ଯେଉଁଠି ତୀର୍ଥଯାତ୍ରୀମାନେ ପୂଜା କରୁଛନ୍ତି, ପୁଜାରୀମାନେ ମନ୍ତ୍ରୋଚ୍ଚାରଣ କରୁଛନ୍ତି ଏବଂ ସୁନାରଙ୍ଗ ପାଣି ଉପରେ ପହଁରୁଛି ଛୋଟବଡ଼ ଡଙ୍ଗା । ଏହାର ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ରରେ ଅବସ୍ଥିତ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିର, ଯାହା ସମଗ୍ର ଦେଶରୁ ଭକ୍ତମାନଙ୍କୁ ଆକର୍ଷିତ କରେ । ବାରାଣସୀ କେବଳ ଧର୍ମ ଆଉ ଆସ୍ଥାର ସହର ନୁହେଁ । ଏହା ଏକ ସଜୀବ ସାଂସ୍କୃତିକ ଆର୍କାଇଭ, ଯେଉଁଠାରେ ସଙ୍ଗୀତ, ଦର୍ଶନ ଓ ସାହିତ୍ୟ ସୃଷ୍ଟି ହେଉଛି । ଏହାର ଅସ୍ଥିରତାରେ- ହର୍ଣ୍ଣ ବଜାଉଥିବା ରିକ୍ସା ଓ ଅଟୋ, କୋଳାହଳମୟ ବଜାର ଓ ଘାଟ- ଭିତରେ ବି ଗଭୀର ନିରବତା ଅନୁଭବ କରାଯାଏ । ବାରାଣସୀ ଏକ ବିରୋଧାଭାଷ । ଏହା ଏମିତି ଏକ ସହର ଯାହା ସଦା ଗତିଶୀଳ, କିନ୍ତୁ ଗଭୀର ସୁଷୁପ୍ତିରେ ଶାୟିତ ।



# ନୂଆ ଅବତାରରେ ମହେଶ ବାବୁ



ଏସ.ଏସ. ରାଜାମୌଳିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ବାରାଣସୀ'ର କାହାଣୀ ଏବେ ଲିକ୍ ହୋଇଯାଇଛି, ଯାହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି । ଏହି ଚଳଚ୍ଚିତ୍ରରେ ମହେଶ ବାବୁ ଜଣେ ଶିବ ଭକ୍ତ 'ରୁଦ୍ର' ଭୂମିକାରେ ନଜର ଆସିବେ । ସୂଚନା ଅନୁଯାୟୀ, ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମଧ୍ୟ ଏହି ମେଗା ପ୍ରୋଜେକ୍ଟର ଏକ ପ୍ରମୁଖ ଅଂଶ ଥିବାବେଳେ ପୃଥ୍ୱୀରାଜ ସୁକୁମାରନ୍ ଏଥିରେ ଖଳନାୟକ ଚରିତ୍ରରେ ନଜର ଆସିପାରନ୍ତି । ରାମାୟଣ କାଳର ରହସ୍ୟ ଓ ଭବିଷ୍ୟତର ଦୁନିଆକୁ ନେଇ ଗତିଶୀଳ ଏହି ହାଇ-ବଜେଟ୍ ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ଜଣା ପଡିଛି । ୨୦୨୫ ନଭେମ୍ବରରେ ଏହାର ପ୍ରଥମ ଝଲକ ସାମ୍ନାକୁ ଆସିବା ପରଠାରୁ ରାଜାମୌଳିଙ୍କ ଏହି ନୂତନ ସିନେମାଟିକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି । ଫିଲ୍ମଟିକୁ ନେଇ ଅଲ୍ଲୁ ଓ ପ୍ରିୟଙ୍କା ଉଭୟଙ୍କ ଫ୍ୟାନମାନେ ଖୁବ ଉତ୍ସାହିତ ଅଛନ୍ତି ।



# ଡରାଉଛି ପୋଷ୍ଟର

ସାଉଥ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କର ଆଗାମୀ ଚଳଚ୍ଚିତ୍ର 'ରାକା'ର ପ୍ରଥମ ଲୁକ୍ ପୋଷ୍ଟର ରିଲିଜ୍ ହୋଇଛି, ଯେଉଁଥିରେ ତାଙ୍କ ଲୁକକୁ ନେଇ ଅନେକ ଆଲୋଚନା ଆରମ୍ଭ ହୋଇଛି । ପୋଷ୍ଟରରେ ଅଲ୍ଲୁଙ୍କର ଲୁକ ଖୁବ ଭୟଙ୍କର ହୋଇଛିବୋଲି ଫ୍ୟାନମାନେ ଚର୍ଚ୍ଚା କରୁଛନ୍ତି । ନିର୍ଦ୍ଦେଶକ ଏଟଲିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ସାଇନ୍ସ-ଫିକ୍ସନ୍ ଆକ୍ସନ୍ ଡ୍ରାମାରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ ।

ପ୍ରାୟ ୮୦୦ କୋଟି ଟଙ୍କାର ବଜେଟ୍‌ରେ ତିଆରି ହେଉଥିବା ଏହି ଅଲ୍ଲୁ ଅର୍ଜୁନ ୪ଟି ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବେ ହେଉଥିବାଏହି ପୋଷ୍ଟରରେ ତାଙ୍କର ରହସ୍ୟମୟ ରୂପ ଦେଖିବାକୁ ପ୍ରୋସ୍ଥେଟିକ ମେକଅପ୍ ସାହାଯ୍ୟରେ କରାଯାଇଛି । ଏହି ନିଆରା ସାହାଯ୍ୟରେ ତାଙ୍କୁ ବେଶ୍ ବୟସ୍କ ଦର୍ଶାଯାଇଛି । ଏହି ଫିଲ୍ମ ପାଇଁ କୋଟି ଟଙ୍କା ପାରିଶ୍ରମିକ ନେଇ ଏକ ନୂଆ ରେକର୍ଡ ମଧ୍ୟ ହିନ୍ଦୀ ଏବଂ ଇଂରାଜୀ ସମେତ ୯ଟି ଭାଷାରେ ଫିଲ୍ମଟି ରିଲିଜ ସୂଚନା ରହିଛି ।

# ଜାହ୍ନବୀଙ୍କ କ୍ଷୋଭ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ନିକଟରେ ଏକ ପୋଡକାଷ୍ଟରେ ନିଜ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପର୍କରେ କଥା ହୋଇଛନ୍ତି । ଅନେକ ସମୟରେ ବିନା ସହମତିରେ ତାଙ୍କ ଇମେଜକୁ ବେଳେବେଳେ ଖରାପ ଆଙ୍ଗେଲରେ ପ୍ରେଜେଣ୍ଟ କରାଯାଇଥାଏ ବୋଲି ସେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆଗାମୀ ଚଳଚ୍ଚିତ୍ର 'ପରମ ସୁନ୍ଦରୀ'ର 'ଭିଗି ଶାଢ଼ୀ' ଗୀତ ବିଷୟରେ ଜାହ୍ନବୀ କହିଛନ୍ତି ଯେ, ଜଣେ କଳାକାର ଭାବେ ପରଦାରେ ସେନ୍ସୁଆଲ୍ ଦୃଶ୍ୟରେ ଅଭିନୟ କରିବା ଏକ ଭିନ୍ନ କଥା । ହେଲେ ପାପାରାଜିମାନେ ତାଙ୍କର ବିଭିନ୍ନ ଅଶୋଭନୀୟ ଆଙ୍ଗେଲରୁ ଫଟୋ ଉଠାଇ ଭାଇରାଲ୍ କରିବା ସମ୍ପୂର୍ଣ୍ଣ ଭୁଲ୍ । ସେ ସ୍ପଷ୍ଟ କରିଛନ୍ତି ଯେ, ଅନେକ ସମୟରେ ପୋଷାକ ଦର୍ପଣରେ ଠିକ୍ ଦେଖାଯାଉଥିଲେ ମଧ୍ୟ କେବଳ ଭ୍ୟୁ ଓ ଅର୍ଥ ପାଇଁ କ୍ୟାମେରାକୁ ଭୁଲ୍ ଭାବେ ବ୍ୟବହାର କରି ତାଙ୍କର ସମ୍ମାନ ହାନି କରାଯାଉଛି । ଏହିପରି ଆଚରଣକୁ ନିନ୍ଦା କରିବା ସହ ଜଣେ ଅଭିନେତ୍ରୀ ଭାବେ ପ୍ରଶ୍ନ ଉଠାଇବା ତାଙ୍କର ଅଧିକାରବୋଲି ସେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଜାହ୍ନବୀ ତାଙ୍କ ଆଗାମୀ ତେଲୁଗୁ ଆକ୍ସନ ଫିଲ୍ମ 'ପେଦ୍ଦି'ର ସୁଟିଂରେ ବ୍ୟସ୍ତ ଅଛନ୍ତି, ଯେଉଁଥିରେ ସେ ରାମ ଚରଣଙ୍କ ସହ ନଜର ଆସିବେ ।



ଏକ ବିଶେଷ ସୂଚନା ଅନୁଯାୟୀ, 'ଧୁରନ୍ଧର' ଚଳଚ୍ଚିତ୍ରର ସଫଳତା ପରେ ଅଭିନେତ୍ରୀ ସାରା ଅର୍ଜୁନ ଏବେ ନିଜ କ୍ୟାରିୟରର ସବୁଠାରୁ ଚାଲେଞ୍ଜିଂ ଭୂମିକାରେ ଅଭିନୟ କରିବାକୁ ଯାଉଥିବାନେଇ ଆଲୋଚନା ହେଉଛି । ନିର୍ଦ୍ଦେଶିକା ଜସମିତ କେ. ରୀନଙ୍କ ଆଗାମୀ ବାୟୋପିକରେ ସାରା ଭାରତୀୟ ସିନେମାର କିମ୍ବଦନ୍ତୀ ଅଭିନେତ୍ରୀ ମଧୁବାଳାଙ୍କ ଚରିତ୍ରରେ ନଜର ଆସିବେ । ଯାହାର ପ୍ରଯୋଜନା ଦାୟିତ୍ୱରେ ରହିଛନ୍ତି ସଞ୍ଜୟ ଲୀଳା ଭାନସାଲୀ । ବର୍ତ୍ତମାନ ଏହି ଚଳଚ୍ଚିତ୍ରର ପ୍ରି-ପ୍ରଡକ୍ସନ କାମ ଚାଲିଥିବା ବେଳେ ଚଳିତ ବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ

# ଆରମ୍ଭରୁ ଆକନିକ ରୋଲ

ହେବ ବୋଲି ଆଶା କରାଯାଉଛି । ହିନ୍ଦୀ ସିନେମାର ସୁବର୍ଣ୍ଣ ଯୁଗକୁ ପରଦାରେ ଜୀବନ୍ତ କରିବା ପାଇଁ ସାରାଙ୍କୁ ଅନେକ ପରିଶ୍ରମ କରିବାକୁ ପଡିବ । ଏଥିପାଇଁ ତାଙ୍କୁ ଭାଷା ଓ ଅଭିନୟର ଅନେକ ଶୈ ଳୀର ପ୍ରଶିକ୍ଷଣ ମଧ୍ୟ ନେବାକୁ ପଡିବ ବୋଲି ଜଣା ପଡିଛି । କ୍ୟାରିୟରର ଆରମ୍ଭରେ ଏତେ ବଡ ପ୍ରୋଜେକ୍ଟରେ କାମ କରି ସାରା ମଧ୍ୟ ଖୁବ ଖୁସି ଅଛନ୍ତି । ମଧୁବାଲାଙ୍କ ଜୀବନ ସମ୍ପର୍କରେ ଜାଣିବା ପାଇଁ ସମସ୍ତ ସିନେପ୍ରେମୀଙ୍କର ଉତ୍ସାହ ସବୁବେଳେ ରହିଥାଏ ।

# ପୁଣି କରିବେ ରୋମାନ୍ସ





ରୋମାଣ୍ଟିକ କମେଡି 'ତେରି ବାତୋଁ ମେଁ ଏସା ଉଲଝା ଜିୟା'ର ଅପୂର୍ବ ସଫଳତା ପରେ ଏବେ ଏହାର ସିକ୍ୱେଲ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ଜଣାପଡିଛି । ଏହି ପ୍ରେମ କାହାଣୀର ଦ୍ୱିତୀୟ ଭାଗରେ ଶାହିଦ କପୁର ଏବଂ କୃତି ସାନନ ପୁଣିଥରେ ନିଜ ଭୂମିକାରେ ଫେରିବାକୁ ଥିବାବେଳେ ଜାହ୍ନବୀ କପୁର ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ କାଷ୍ଟରେ ସାମିଲ ହେବାର ସମ୍ଭାବନା ରହିଛି । ଚଳଚ୍ଚିତ୍ରର କାହାଣୀ ଯେଉଁଠାରେ ଶେଷ ହୋଇଥିଲା, ସେଠାରୁ ହିଁ ଆଗକୁ ବଢ଼ିବ ଏବଂ ଏଥର ପ୍ରଯୋଜନା ସଂସ୍ଥା ଏହାକୁ ପୂର୍ବ ଅପେକ୍ଷା ଆହୁରି ବଡ଼ ସ୍ତରରେ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି । ବର୍ତ୍ତମାନ ଏହାର ସ୍କ୍ରିପ୍ଟ କାମ ଚାଲିଥିବା ବେଳେ ୨୦୨୭ ର ପ୍ରଥମ ତିନିମାସ ମଧ୍ୟରେ ସୁଟିଂ ଆରମ୍ଭ ହେବା ନେଇ ଆଶା କରାଯାଉଛି । ଶାହିଦ କପୁର ବର୍ତ୍ତମାନ ନିଜର ଆଗାମୀ ୱେବ୍ ସିରିଜ୍ 'ଫର୍ଜି ୨'ର କାମରେ ବ୍ୟସ୍ତ ଅଛନ୍ତି ଏବଂ ଏହି ପ୍ରକଳ୍ପ ପରେ ସେ ସିକ୍ୱେଲର ସୁଟିଂ ଆରମ୍ଭ କରିବେ । ଏହି ଫିଲ୍ମକୁ ନେଇ ଏବେ ଦର୍ଶକଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଛି ।



## କିମ୍ପାଇଁ ଡରିବା ଖରାକୁ

ବଇଶାଖ ମାସ ଆସି
ହସି ହସି କହିଲା,
ଚଇତ ଗଲାଣି ଚାଲି
ରାଜୁତି ମୋ ଅଇଲା ॥
ରାତି ସରି ଦିନ ଆସି
ସୁରୁଜ ଟି ଉଇଁଲେ,
ଖରା ଆସି ଧରା ଦେହ
ଛୁଇଁ ଦେବ ପହିଲେ ॥
ଦେହରୁ ବହିବ ଝାଳ
ଗମ ଗମ ହୋଇରେ,
ମନ ଖୋଜିବ ପଖାଳ
ଖାଇବାର ପାଇଁରେ ॥
ତରଭୁଜ କାକୁଡିଟି
ମିଳିଗଲେ ପାଖରେ,
ଖାଇବାକୁ ମନ ହେବ
ଖରା ପାଇଁ ଦେଖରେ ॥
କିଏ କହେ ଖରା ପାଇଁ
ଲୋକେ କଷ୍ଟ ପାଆନ୍ତି,
ବାହାରକୁ ଯିବା ପାଇଁ
କେହିଟି ନ ଚାହାନ୍ତି ॥
ଜାଣିଥାଅ ଖରା ପାଇଁ
ବର୍ଷା ଆସେ ଧରାକୁ,
ସେଥି ପାଇଁ କୁହ କାହିଁ
ଡରିବା ଏ ଖରାକୁ ॥

**ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ**
ମାହାଙ୍ଗା, କଟକ
ମୋ: ୭୬୦୯୦୪୪୩୮୩



## ଆମ ମଧୁବାବୁ

ଉତ୍କଳ ମାତାର କେଦାର, କାନନ
ଗାଉଥାଏ ଏଇ ଗୀତି
ମଧୁବାବୁ ପରି ଆମର ହୃଦୟ
ପାରିନାହିଁ କେହି ଜିତି ॥
ବିକଳାଙ୍ଗ ଆମ ଓଡ଼ିଶା ମାଆଟି
ପୂର୍ଣ୍ଣ ରୂପ ପାଇଥିଲା
ତୁମରି ସାହାସ, ତୁମରି ପ୍ରଚେଷ୍ଟା
କୋଟି ମନ ଜିଣିଥିଲା ॥
ଉତ୍କଳର ଶିଳ୍ପ, ଓଡ଼ିଆ ଭାସ୍କର୍ଯ୍ୟ
ବିଶ୍ୱରେ ପହଞ୍ଚିଲା
ଓଡ଼ିଆ ପୁଅଟେ ଜାତିଭାଇ ପ୍ରାଣେ
ଅମୃତ ଛିଞ୍ଚୁଥିଲା ॥
ଅନ୍ତିମ ଶଯ୍ୟାରେ ଜାତିଭାଇ କଥା
କିଏସେ ଭାବିବ ଭଲା
ଓଡ଼ିଆ ଭାଇଙ୍କ ଉନ୍ନତି ଚିନ୍ତାରେ
ସାରା ଜୀବନଟା ଗଲା ॥
ଉଇଁନ୍ତି ସବିତା, ବହେ ମହାନଦୀ
ସଭିଏଁ ଆନନ୍ଦେ ଭୋଳ
ନଆସିଲେ କେହି ମଧୁବାବୁ ପରି
ଉତ୍କଳ ମାତାର କୋଳ ॥

**ହରିପ୍ରିୟା ପଟ୍ଟନାୟକ**
ମୋ: ୯୪୩୯ ୫୪୨୨୧୨



## ସକାଳୁଆ ସ୍କୁଲ

ଗ୍ରୀଷମ ତପତ ଅସହ୍ୟ ହେଲାଣି
ଜଳିଯାଏ ଦେହ ହାତ
ସେଥିପାଇଁ ରାଜ୍ୟେ ସକାଳୁଆ ସ୍କୁଲ
ଚାଲୁ ହୋଇଗଲା ମିତ ॥
କାଉ ଡାକ ଶୁଣି ସଅଳ ଉଠିବା
କରିବାନି ମୋଟେ ଡେରି
ସହି ସମୟରେ ବିଦ୍ୟାଳୟ ଯିବା
ସାରା ନିତ୍ୟକର୍ମ ସାରି ॥
ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଛି
ନୂଆ ଶ୍ରେଣୀରେ ବସିବା
ନୂଆ ବିଷୟକୁ ଧ୍ୟାନରେ ପଢିବା
ତିଳେ ହେଳା ନକରିବା ॥
ଛୁଟିବେଳ ହେଲେ ବାହାରେ ନବୁଲି
ଘରକୁ ଆସିବା ଫେରି
ପାଦରେ ଚପଲ ମୁଣ୍ଡେ ରଖି ଛତା
ପାଣି ବୋତଲକୁ ଧରି ॥
ଘରେ ପହଞ୍ଚିଲେ ପଖାଳ ତୋରାଣି
ସରାଗେ ଖାଇବା ମିତ
ବେଲପଣା ଦହି ସର୍ବତ ପିଇବା
ଦେହ ପାଇଁ ସିଏ ହିତ ॥
ଖରା ନଇଁଗଲେ ପାଖ ପଡ଼ିଆରେ
ହରଷ ମନେ ଖେଳିବା
ସଞ୍ଜେ ପାଠ ପଢ଼ି ରାତି ଖାଦ୍ୟ ଖାଇ
ସଅଳ ଆମେ ଶୋଇବା ॥

**ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତସିଂହପୁର
ମୋ:୭୩୫୫୬୩୪୩୪୬



## ନାଆଁ ମୋର ଅଟେ ମେଥି

ନାଆଁ ମୋର ଅଟେ ମେଥି
ଭାରି ଦରକାରୀ
ନିଜର କରିଲେ ମତେ
ରୋଗ ଯିବ ହାରି ॥
ବହୁମୁଖୀ ଔଷଧୀୟ
ଗୁଣରେ ମୁଁ ଭରା
ଶରଧାରେ ଡାକିଦେଲେ
ଦେଇଥାଏ ଧରା ॥
ଶକତି ବଢ଼ାଇ ଥାଏ
ଶରୀରରେ ପଶି
ଯୋଗାଏ ମୁଁ ଖାଦ୍ୟପ୍ରାଣ
ସଦା ହସି ହସି ॥
ନିୟନ୍ତ୍ରଣ କରିଥାଏ
ରକତ ଶର୍କରା
ମୋ ପାଖରେ ଭରପୂର
ଖୁସିର ପସରା ॥
ହଜମ କରେ ମୁଁ ଖାଦ୍ୟ
ଅତି ସହଜରେ
କୋଷ୍ଟକାଠିନ୍ୟ ସମସ୍ୟା
ସମାଧାନ କରେ ॥
ନବଜାତ ଶିଶୁଙ୍କର
ମୁଁ ଯେ ପ୍ରିୟ ମିତ -
ମାତୃସ୍ତନ୍ୟେ କ୍ଷୀର ଭରି
ଗାଏ ଖୁସି ଗୀତ ।
ହୃଦୟ ଜନିତ ରୋଗ
କରେ ନିୟନ୍ତ୍ରଣ -
କରେନି ସଂକ୍ରମଣକୁ
କେବେ ନିମନ୍ତ୍ରଣ ।
ନିଇତି ଖାଇଲେ ମତେ
ଦୀର୍ଘଜୀବୀ ହେବ -
ସଉଦା କିଣିଲା ବେଳେ
ମତେ ନିଶ୍ଚେ ନେବ ।

**ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮ ୬୫୭୨୭



## ନିରାପଦରେ ରହିବା ଘରେ

ବଢୁଛି ଖରା ତାତୁଚି ଧରା
ଲାଗୁଚି ଅତି ଦୁଃଖ
ଗୀରିଷମର ଡହକ ତାତି
କାଢ଼ି ନଉଚି ସୁଖ ॥
ସହସା ଆସେ ମେଘ ପବନ
ଖରାତ ଯାଏ ଲୁଚି
ଝଡ଼ ବତାସ କରେ ହତାଶ
ପବନ ଖେଳେ ପୁଚି ॥
ପବନ ଆସି ଭାଙ୍ଗଇ ଗଛ
ଗାଆଁ ସହର ଘର
ଲାଗେ ବିଷମ କେତେ ଉଷୁମ
ତାତି ନିଆଁକୁ ଡର ॥
କାଳବୈଶାଖୀ କରଇ ନାଶ
କେତେ ନିରୀହ ପ୍ରାଣ
ଭାଙ୍ଗିତ ଦିଏ ପକ୍ଷୀଙ୍କ ନୀଡ଼
ହୁଅନ୍ତି ହଇରାଣ ॥
ବରଷା ଢାଳେ ତୁହାକୁ ତୁହା
କୁଆପଥର ପଡ଼େ
ଆସଇ ରାତି ଥରଇ ଛାତି
ପବନ ବେଗ ବଢ଼େ ॥
ବରଷା ସାଥେ ରହି ରହିକି
ବିଜୁଳି ଦିଏ ହସି
ଗଛ ଉପରେ ଘଡ଼ଘଡ଼ି ଯେ
ଆକାଶୁ ପଡ଼େ ଖସି ॥
ମହାନ ଅଟେ ସବୁରି ପ୍ରାଣ
ହେବାରେ ସାବଧାନ
ନିରାପଦରେ ରହିବା ଘରେ
ଏଇ କଥାଟି ମାନ ॥

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜୀର ସଙ୍ଗଲାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦



“ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର”

# ଅକ୍ସିଡାଇଜ୍ଡ ଜୁଏଲାରୀ

ଆଜିକାଲି ଫ୍ୟାଶନ୍ ଦୁନିଆରେ ଯଦି କୌଣସି ଗହଣାର ସବୁଠାରୁ ଅଧିକ କ୍ରେଜ୍ ଅଛି, ତେବେ ତାହା ହେଉଛି ଅକ୍ସିଡାଇଜ୍ଡ ଜୁଏଲାରୀ । ଏହାର 'ସିଲ୍ଭର ବ୍ଲାକ୍' ଫିନିସିଂ ଏହାକୁ ଅନ୍ୟ ଗହଣାଠାରୁ ସମ୍ପୂର୍ଣ୍ଣ ଅଲଗା ଏବଂ ଆକର୍ଷଣୀୟ କରିଥାଏ । ଚାଲନ୍ତୁ ଜାଣିବା ଏହି ଟ୍ରେଣ୍ଡି ଗହଣା ବିଷୟରେ କିଛି ସ୍ୱତନ୍ତ୍ର କଥା ।







## ଚୋକର

ଭାରି କାମ ଥିବା ନେକ୍ଲେସ୍ ହେଉ କିମ୍ବା ବେକକୁ ଲାଗି ରହୁଥିବା ଚୋକର ଅକ୍ସିଡାଇଜ୍ଡ ଜୁଏଲରୀରେ ଏହାର ଚାହିଦା ଖୁବ ଅଧିକ । ଏହା ଶାଢ଼ୀ କିମ୍ବା କୁର୍ତ୍ତି ସହିତ ଏକ ଉନ୍ନତ 'ଏଥନିକ୍' ଲୁକ୍ ଦେଇଥାଏ । ସେହିଭଳି ଯୁବପିଢିଙ୍କର ଏହା ପ୍ରଥମ ପସନ୍ଦ ପାଲଟିଛି ।

## ଝୁମକା

ଛୋଟ ଷ୍ଟଡ୍‌ଠାରୁ ଆରମ୍ଭ କରି ବଡ଼ ବଡ଼ ଅକ୍ସିଡାଇଜ୍ଡ ଝୁମକା ପର୍ଯ୍ୟନ୍ତ, ଏସବୁ ସବୁବେଳେ ଟ୍ରେଣ୍ଡରେ ଥାଏ । ଏହା କେବଳ ପାରମ୍ପରିକ ପୋଷାକ ନୁହେଁ, ବରଂ ଜିନ୍ସ ଏବଂ ଟପ୍ ସହିତ ମଧ୍ୟ ଖୁବ୍ ମାନିଥାଏ । କଲେଜ ଗୋଇଁ ଯୁବତୀଙ୍କ ଠାରୁ ଆରମ୍ଭ କରି ଅଫିସ୍ ଯାଉଥିବା ମହିଳା ସମସ୍ତଙ୍କର ଏହା ପ୍ରଥମ ପସନ୍ଦ ହୋଇଥାଏ । ଏହାର ବିଭିନ୍ନ ଡିଜାଇନ ରହିଥାଏ ଯାହା ଖୁବ ସୁନ୍ଦର ହୋଇଥାଏ ।

## ନୋଜ୍ ପିନ୍

ଏବେକାର ଝିଅମାନଙ୍କ ମଧ୍ୟରେ ଅକ୍ସିଡାଇଜ୍ଡ ନୋଜ୍ ପିନ୍‌ର ଏକ ଅଲଗା କ୍ରେଜ୍ ଦେଖିବାକୁ ମିଳୁଛି । ଏହା ଆପଣଙ୍କ ମୁହଁକୁ ଏକ ୟୁନିକ ଲୁକ ପ୍ରଦାନ କରିଥାଏ, ଯାହାକୁ ସମସ୍ତେ ପସନ୍ଦ କରିଥାଆନ୍ତି ।


## ଚୁଡ଼ି ଏବଂ ବ୍ରେସଲେଟ୍

ହାତରେ ପିନ୍ଧିବା ପାଇଁ ମୋଟା କଡ଼ା କିମ୍ବା ପତଳା ଅକ୍ସିଡାଇଜ୍ଡ ଚୁଡ଼ି ଆପଣଙ୍କ ଷ୍ଟାଇଲ୍‌କୁ ସମ୍ପୂର୍ଣ୍ଣ କରିଥାଏ । ଏଗୁଡିକ ପାରମ୍ପରିକ ବେଶଭୂଷାକୁ ଖୁବ ମାନିଥାଏ । ଶାଢୀ କିମ୍ବା ସାଲୱାର ସୁଟ ସହିତ ଏହା ଖୁବ ମ୍ୟାଚ ହୋଇଥାଏ ।

## ପାଉଁଜି

ଅକ୍ସିଡାଇଜ୍ଡ ପାଉଁଜି ପାଦର ସୁନ୍ଦରତାକୁ ଦ୍ୱିଗୁଣିତ କରିଦିଏ । ଏହାର କଳା ରଙ୍ଗର ଫିନିସିଂ ଖୁବ୍ ସୁନ୍ଦର ଲାଗେ । ଏହା ପାଦକୁ ଏକ ୟୁନିକ ସହିତ ପାରମ୍ପରିକ ଲୁକ ପ୍ରଦାନ କରିଥାଏ ।






# ଶିଆଳର ଅଙ୍ଗୁର ଖିଆ

**ଆଇମା କାହାଣୀ ପେଡିରେ ଏଭଳି ଅନେକ ଗଳ୍ପ ରହିଛି, ଯାହା ଆମକୁ ଜୀବନର ଖୁବ ବଡବଡ ନୀତି ଶିକ୍ଷା ପ୍ରଦାନ କରିଥାଏ । ସେହିଭଳି ଏକ କାହାଣୀ ହେଲା ଶିଆଳର ଅଙ୍ଗୁର ଖିଆ, ଯାହା ଆମକୁ ନୀତିଶିକ୍ଷା ପ୍ରଦାନ କରିଥାଏ ।**

ଏକଦା ଏକ ଘଞ୍ଚ ଜଙ୍ଗଲରେ ଗୋଟିଏ ବହୁତ ଚତୁର ଶିଆଳ ରହୁଥିଲା । ଦିନେ ଗ୍ରୀଷ୍ମ ଋତୁର ପ୍ରଖର ଖରାରେ ସେ ବହୁତ କ୍ଲାନ୍ତ ହୋଇପଡ଼ିଥିଲା ଏବଂ ତାକୁ ଭୀଷଣ ଭୋକ ମଧ ଲାଗୁଥିଲା । ସେ ଖାଦ୍ୟ ଖୋଜିବା ପାଇଁ ଜଙ୍ଗଲର ଏକୋଣରୁ ସେକୋଣ ପର୍ଯ୍ୟନ୍ତ ବୁଲିଲା, କିନ୍ତୁ କେଉଁଠି ହେଲେ ବି ତାକୁ ଖାଇବାକୁ କିଛି ମିଳିଲା ନାହିଁ । ତା'ର ପାଟି ଶୁଖିଯାଉଥିଲା ଏବଂ ଭୋକରେ ତା'ର ପେଟ ଜଳୁଥିଲା । ବୁଲୁ ବୁଲୁ ସେ ଜଙ୍ଗଲ ପାଖରେ ଥିବା ଏକ ବଡ଼ ଚାଷ ଜମିରେ ଯାଇ ପହଞ୍ଚିଲା । ସେଠାରେ ଏକ ବଡ଼ ଅଙ୍ଗୁର ବଗିଚା ଥିଲା । ଶିଆଳଟି ବଗିଚା ଭିତରକୁ ଯାଇ ଦେଖିଲା ଯେ, ସୁଉଚ୍ଚ ମଞ୍ଚାଗୁଡ଼ିକରେ କେତେକ ଅଙ୍ଗୁର ଲତା ମାଡ଼ିଛି ଏବଂ ସେଥିରେ ବଡ଼ ବଡ଼ ପାଚିଲା ଅଙ୍ଗୁର ପେନ୍ଥା ଝୁଲୁଛି । ସୂର୍ଯ୍ୟ କିରଣରେ ଅଙ୍ଗୁରଗୁଡ଼ିକ ଚିକ୍କଣ ଦେଖାଯାଉଥିଲେ ଏବଂ ସେଥିରୁ ଏକ ମିଠା ବାସ୍ନା ଆସୁଥିଲା । ସେଗୁଡ଼ିକୁ ଦେଖି ଶିଆଳ ମନେ ମନେ ଖୁସି ହୋଇଯାଇଥିଲା । ଶିଆଳଟି ପ୍ରଥମେ ଗୋଟିଏ ପେନ୍ଥା ପାଖକୁ ଗଲା ଏବଂ ତାକୁ ଧରିବା ପାଇଁ ଜୋରରେ ଉପରକୁ ଡେଇଁଲା । କିନ୍ତୁ ଅଙ୍ଗୁର ପେନ୍ଥାଟି ତା' ଠାରୁ ବହୁତ ଉପରେ ଥିଲା । ସେ ପୁଣି ଥରେ ପଛକୁ ଯାଇ କିଛି ବାଟ ଦୌଡ଼ି ଆସି ଡେଇଁଲା, ତଥାପି ସେ ସଫଳ ହେଲା ନାହିଁ । ସେ ଏହିପରି ଭାବରେ ବାରମ୍ବାର ଚେଷ୍ଟା କଲା । କେତେବେଳେ ସେ ଡାହାଣକୁ ଡେଇଁଲା ତ କେତେବେଳେ ବାମକୁ, କିନ୍ତୁ ଅଙ୍ଗୁରର ପାଖରେ ବି ପହଞ୍ଚି ପାରିଲା ନାହିଁ । ଶେଷରେ ସେ ସମ୍ପୂର୍ଣ୍ଣ ଭାବେ ହାଲିଆ ହୋଇଗଲା । ତା'ର ଦେହରୁ ଝାଳ ବୋହିବାକୁ ଲାଗିଲା ଏବଂ ସେ ବୁଝିପାରିଲା ଯେ ସେହି ଉଚ୍ଚା ମଞ୍ଚାରୁ ଅଙ୍ଗୁର ତୋଳିବା ତା' ପକ୍ଷେ ଅସମ୍ଭବ । ତା'ର ସବୁ ଆଶା ମଉଳିଗଲା । ନିଜର ଅସମର୍ଥତାକୁ ଲୁଚାଇବା ପାଇଁ ସେ ନିଜ ନାକ ଟେକି ସେଠାରୁ ଚାଲିଯିବାକୁ ଲାଗିଲା ଏବଂ ବିରକ୍ତ ହୋଇ ପାଟିରେ କହିଲା, "ଧେତ୍! ଏ ଅଙ୍ଗୁରଗୁଡ଼ାକ ଜମା ଭଲ ନୁହେଁ, ଏଗୁଡ଼ାକ ଭାରି ଖଟା । ଯଦି ମୁଁ ଏହାକୁ ଖାଇଥାନ୍ତି, ତେବେ ମୋର ପେଟ ଖରାପ ହୋଇଥାନ୍ତା ।" ଏହା କହି ସେ ଗୁଣୁ ଗୁଣୁ ହୋଇ ଜଙ୍ଗଲ ଭିତରକୁ ଫେରିଗଲା । ଏହି ଗଳ୍ପରୁ ଶିକ୍ଷାମିଳେ କି ଅନେକ ଲୋକ ନିଜର ଅକ୍ଷମତା ବା ଅସଫଳତାକୁ ସ୍ୱୀକାର କରିବା ବଦଳରେ ସେହି ଜିନିଷକୁ ହିଁ ଖରାପ କହି ନିଜକୁ ଶାନ୍ତ୍ୱନା ଦେବାକୁ ଚେଷ୍ଟା କରନ୍ତି । ମୁର୍ଖମାନେ ସହଜରେ ପାଉନଥିବା ଜିନିଷକୁ ଘୃଣା କରନ୍ତି । ତେଣୁ ସବୁବେଳେ ଜୀବନରେ ପରିଶ୍ରମ କରିବାର ଆବଶ୍ୟକତା ରହିଛି ।





# ପଣା ସଂକ୍ରାନ୍ତି

**ଓଡ଼ିଶାର ଗଣପର୍ବ ମଧ୍ୟରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଅନ୍ୟତମ । ଏହା କେବଳ ଏକ ସଂକ୍ରାନ୍ତି ନୁହେଁ, ବରଂ ଓଡ଼ିଆ ଜାତିର ନୂତନ ବର୍ଷର ଆରମ୍ଭ, ଆଧ୍ୟାତ୍ମିକ ଚେତନା ଏବଂ ସାଂସ୍କୃତିକ ପରମ୍ପରାର ଏକ ମହାମିଳନ । ଗ୍ରୀଷ୍ମର ପ୍ରକୋପରୁ ରକ୍ଷା ପାଇବା ପାଇଁ ପ୍ରକୃତିର ଶୀତଳତା ଏବଂ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିବାର ଏହା ହେଉଛି ଏକ ପବିତ୍ର ଦିନ ।**

## ଓଡ଼ିଆ ନବବର୍ଷର ଶୁଭାରମ୍ଭ

ଓଡ଼ିଆ ପଞ୍ଜିକା ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତିରୁ ହିଁ ନୂଆ ବର୍ଷର ଗଣନା ଆରମ୍ଭ ହୁଏ । ସୌର ଗଣନା ଅନୁସାରେ ସୂର୍ଯ୍ୟ ଏହି ଦିନ ବିଷୁବ ରେଖା ଉପରେ ରହୁଥିବାରୁ ଦିନ ଏବଂ ରାତି ସମାନ ହୋଇଥାଏ । ଏହି ଦିନଠାରୁ ପ୍ରଚଣ୍ଡ ରୌଦ୍ରତାପର ଆଗମନ ହୁଏ । ନୂଆ ବର୍ଷର ଶୁଭେଚ୍ଛା ଆଦାନପ୍ରଦାନ ସହ ବର୍ଷସାରା ଭଲରେ କଟିବା ପାଇଁ ଇଷ୍ଟଦେବତାଙ୍କ ପାଖରେ ପ୍ରାର୍ଥନା କରାଯାଏ ।

## ଚଉରା ମୂଳେ ପଣା ପୂଜା

ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି 'ପଣା' । ଓଡ଼ିଆ ପରମ୍ପରାରେ ଗ୍ରୀଷ୍ମତାପରୁ ବସୁନ୍ଧରାକୁ ଶୀତଳ ରଖିବା ପାଇଁ





ଏହି ଦିନ ତୁଳସୀ ଚଉରା ଏକ ଛୋଟ ଘଡିରେ ପଣା ଭୋଗ ପ୍ରଦାନ କରାଯାଇଥାଏ । ମାଠିଆରେ ଥିବା ଏକ ସୂକ୍ଷ୍ମ ଛିଦ୍ର ଦେଇ ତୁଳସୀ ଗଛ ଉପରେ ଟୋପା ଟୋପା ପାଣି ପଡ଼େ, ଯାହା ବର୍ଷାଋତୁର ପ୍ରତୀକ ଏବଂ ଧରିତ୍ରୀକୁ ଶୀତଳ ରଖିବାର ଏକ ନିଆରା ପରମ୍ପରା । ବେଲ, ଛତୁଆ, ଦହି, କଦଳୀ ଏବଂ ଗୁଡ଼ରେ ପ୍ରସ୍ତୁତ ସୁଆଦିଆ ପଣା ଭୋଗ ଲଗାଯାଇ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ ।

## ହନୁମାନ ଜୟନ୍ତୀ

ପଣା ସଂକ୍ରାନ୍ତି ଦିନକୁ ସାରା ଓଡ଼ିଶାରେ ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଏ । ବୀର ହନୁମାନଙ୍କ ଜନ୍ମୋତ୍ସବ ଅବସରରେ ମନ୍ଦିରମାନଙ୍କରେ ସୁନ୍ଦରକାଣ୍ଡ ପାଠ ଏବଂ ହନୁମାନ ଚାଳିଶା ଗାନ କରାଯାଏ । ବିଭିନ୍ନ ସ୍ଥାନରେ ମହାବୀର ପଟୁଆର ଓ ପତାକା ଶୋଭାଯାତ୍ରା ବାହାରୁଥିବାର ଦେଖିବାକୁ ମିଳିଥାଏ ।

## ସାଂସ୍କୃତିକ ବିଶେଷତ୍ୱ

**ଏହି ସମୟରେ ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ପ୍ରକାରର ପର୍ବ ଓ ଯାତ୍ରା ଅନୁଷ୍ଠିତ ହୁଏ । ଆସନ୍ତୁ ଜାଣିବା ସେହିଭଳି କିଛି ପର୍ବ ସମ୍ପର୍କରେ ।**

**ଦଣ୍ଡ ନାଚ:** ଏହି ଦିନ ଓଡ଼ିଶାର ଦକ୍ଷିଣ ଓ କେନ୍ଦ୍ରାଞ୍ଚଳରେ ଶିବ-ପାର୍ବତୀଙ୍କ ଉପାସନା ସହ 'ଦଣ୍ଡ ନାଚ'ର ସମାପନ ଘଟେ । ଭକ୍ତମାନେ କଠିନ ଶାରୀରିକ କଷ୍ଟ ସହ୍ୟ କରି ଧୂଳିଦଣ୍ଡ ଓ ପାଣିଦଣ୍ଡ ପାଳନ କରିଥାନ୍ତି ।

**ଝାମୁ ଯାତ୍ରା:** ଅନେକ ସ୍ଥାନରେ ମା' ମଙ୍ଗଳା ବା ବନଦୁର୍ଗାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଭକ୍ତମାନେ ନିଆଁ ଉପରେ ଚାଲି 'ଝାମୁ ଯାତ୍ରା' କରନ୍ତି । ଏଗୁଡିକ ଦେଖିବାକୁ ଅନେକ ଶ୍ରଦ୍ଧାଳୁଙ୍କର ଭିଡ ଜମିଥାଏ ।




# ଆଇପିଏଲ୍‌ର ସବୁଠୁ ଖରାପ ଅଧିନାୟକ

ଆଇପିଏଲ୍ ଇତିହାସରେ ଏମିତି ବହୁତ କମ ଅଧିନାୟକ ରହିଛନ୍ତି, ଯାହାଙ୍କ ବିଜୟ ପ୍ରତିଶତ ବହୁତ କମ ରହିଛି । ଏକ ପ୍ରକାର କହିବାକୁ ଗଲେ ଏମାନେ ଆଇପିଏଲ୍ ଇତିହାସର ସବୁଠୁ ନିମ୍ନମାନର ଅଧିନାୟକ । ଏହି ତାଲିକାରେ ଏବେ ଯୋଡ଼ି ହୋଇ ଯାଇଛି ରତୁରାଜ ଗାଏକ୍ୱାଡ଼ଙ୍କ ନାଁ । ଗାଏକ୍ୱାଡ଼ଙ୍କ ବିଜୟ ପ୍ରତିଶତ ଆଇପିଏଲରେ ବହୁତ ନୈରାଶ୍ୟଜନକ ରହିଛି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଟପ୍-୫ ସବୁଠୁ ଖରାପ ଅଧିନାୟକଙ୍କ ମଧ୍ୟରୁ ଏବେ ଦୁଇ ଜଣ ଆଇପିଏଲ୍ ଖେଳୁଛନ୍ତି ଏବଂ ନିୟମିତ ଅଧିନାୟକ ପଦରେ ଅଛନ୍ତି । ଜଣେ ହେଉଛନ୍ତି ରତୁରାଜ ଗାଏକ୍ୱାଡ଼ ଏବଂ ଅନ୍ୟ ଜଣେ ହେଉଛନ୍ତି ଆଜିଙ୍କ୍ୟ ରାହାଣେ ।

**ଟପ୍-୨ରେ ଦୁଇ ଶ୍ରୀଲଙ୍କା ଖେଳାଳି:** ଆଇପିଏଲର ଇତିହାସରେ ଯିଏ ବି ଅଧିନାୟକ କରିଛନ୍ତି ସେମାନେ ଅତି କମରେ ୨୦ଟି ମ୍ୟାଚରେ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିଛନ୍ତି । ସବୁଠୁ ଖରାପ ବିଜୟ ପ୍ରତିଶତ ତାଲିକାରେ ଶୀର୍ଷରେ ଅଛନ୍ତି ଶ୍ରୀଲଙ୍କାର କୁମାର ସାଙ୍ଗାକାରା । ଆଇପିଏଲରେ ଅଧିନାୟକ ଭାବେ କୁମାର ସାଙ୍ଗାକାରାଙ୍କ ବିଜୟ ପ୍ରତିଶତ ମାତ୍ର ୩୪.୦୪ ପ୍ରତିଶତ ରହିଛି । ସାଙ୍ଗାକାରା ଡେକାନ ଚାର୍ଜର୍ସ ହାଇଦ୍ରାବାଦ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ କରିଛନ୍ତି । ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ତାଙ୍କ ଦେଶର ସାଥୀ ମହେଲା ଜୟବର୍ଦ୍ଧନେ । ଆଇପିଏଲରେ ତାଙ୍କର ବିଜୟ ପ୍ରତିଶତ ୩୫ ରହିଛି । ସେ ବି ତିନୋଟି ଟିମ୍ ଦିଲ୍ଲୀ ଡେୟାରଡେଭିଲ୍ସ, କୋଚି ଟସ୍କର୍ସ କେରଳା ଓ କିଙ୍ଗ୍ସ ଇଲେଭେନ ପଞ୍ଜାବର ଅଧିନାୟକ କରିଛନ୍ତି । ତାଲିକାରେ ତୃତୀୟରେ ଅଛନ୍ତି ଭାରତୀୟ ଖେଳାଳି ଆଜିଙ୍କ୍ୟ ରାହାଣେ । ସେ କେକେଆର, ରାଇଜିଂ ପୁଣେ ସୁପର ଜାଏଣ୍ଟସ ଓ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେଇ ସାରିଛନ୍ତି । ତାଙ୍କର ବିଜୟ ପ୍ରତିଶତ ୩୫.୮୯ ପ୍ରତିଶତ । ଅନ୍ୟପଟେ ରତୁରାଜ ଗାଏକ୍ୱାଡ଼ କେବଳ ସିଏସକେ ପାଇଁ ଅଧିନାୟକ କରିଛନ୍ତି । ୨୨ଟି ମ୍ୟାଚ୍ ପରେ ତାଙ୍କର ବିଜୟ ପ୍ରତିଶତ ୩୬.୩୬ ରହିଛି । ଶିଖର ଧାୱନଙ୍କ ବିଜୟ ପ୍ରତିଶତ ଆଇପିଏଲରେ ଅଧିନାୟକ ଭାବେ ୩୭.୦୩ ରହିଛି । ଧାୱନ ପଞ୍ଜାବ କିଙ୍ଗ୍ସ ଓ ଏସଆରଏଚ୍ ପାଇଁ ଅଧିନାୟକ କରି ସାରିଛନ୍ତି ।

**ଅଧିନାୟକ ଭାବେ ସବୁଠୁ ଖରାପ ବିଜୟ ପ୍ରତିଶତ**

୩୪.୦୪- କୁମାର ସାଙ୍ଗାକାରା
୩୫.୦୦- ମହେଲା ଜୟବର୍ଦ୍ଧନେ
୩୫.୮୯- ଆଜିଙ୍କ୍ୟ ରାହାଣେ
୩୬.୩୬- ରତୁରାଜ ଗାଏକ୍ୱାଡ
୩୭.୦୩- ଶିଖର ଧାୱନ




ସାମ୍ପ୍ରତିକ କିଛି ଖେଳପଡ଼ିଆ ଦୁର୍ଘଟଣାକୁ ନଜରରେ ରଖି ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଏକ ନୂଆ ନିୟମାବଳୀ ଜାରି କରିଛି । ସମସ୍ତ ରାଜ୍ୟ ସରକାରଙ୍କୁ ତୁରନ୍ତ ଲାଗୁ କରିବାକୁ ନିର୍ଦ୍ଦେଶ ବି ଦେଇଛି । ଖେଳପଡ଼ିଆ ଦୁର୍ଘଟଣାକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବାକୁ ଏଥିରେ କୁହାଯାଇଛି । କ୍ରୀଡ଼ା ଭିତ୍ତିଭୂମିରେ ଥିବା ସରଞ୍ଜାମ, ବିଭିନ୍ନ ସୁବିଧା ସୁଯୋଗ, ଷ୍ଟାଡିୟମରେ ଥିବା କୋଠାବାଡ଼ି ତଥା ଷ୍ଟ୍ରକଚରାଲ୍ ସ୍ଥିତି ସହିତ କୌଣସି ବିପଜ୍ଜନକ ଆଶଙ୍କା ପ୍ରତି ସତର୍କ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଷ୍ଟ୍ରକଚର୍ ମରାମତି ଯୋଗ୍ୟ ନ ଥିଲେ ଚେତାବନୀ ରଖିବା ସହ ତୁରନ୍ତ ଭାଙ୍ଗିଦେବା, ଷ୍ଟାଡିୟମ୍ ଆଦିର ବିଦ୍ୟୁତ୍ ସଂଯୋଗ ତଦାରଖ କରିବା, ଦର୍ଶକ ପରିଚାଳନା ଓ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା, ନିୟମିତ ବ୍ୟବଧାନରେ କ୍ରୀଡ଼ା ବ୍ୟବସ୍ଥାର ସମୀକ୍ଷା କରିବାକୁ ଏହି ନିୟମାବଳୀରେ ରଖାଯାଇଛି ।




# ଖେଳପଡ଼ିଆ ଦୁର୍ଘଟଣା ରୋକିବାକୁ ନିୟମାବଳୀ

ଗତବର୍ଷ ହରିୟାଣାର ରୋହତକରେ ଏକ ଖୁଣ୍ଟ ଭାଙ୍ଗିଯିବାରୁ ଏଥିରେ ଆହତ ହୋଇ ଜଣେ ୧୬ ବର୍ଷୀୟ ଜାତୀୟସ୍ତରର ବାସ୍କେଟବଲ୍ ଖେଳାଳିଙ୍କ ମୃତ୍ୟୁ ହୋଇଥିଲା । ନିକଟରେ ମଧ୍ୟ ପୁଣେରେ ଜଣେ ୨୦ ବର୍ଷୀୟ ମେରାଇନ୍ ଇଂଜିନିୟର୍ ଛାତ୍ର ଉପରେ ବାସ୍କେଟବଲ୍ ହୁପ୍ ଖସିପଡ଼ିବାରୁ ସେ ପ୍ରାଣ ହରାଇଥିଲେ । ଏଭଳି କିଛି ଘଟଣାକୁ ନଜରରେ ରଖି ସରକାର ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦେଇଛନ୍ତି । ସରକାରଙ୍କ ଅଧୀନରେ ଥିବା ସମସ୍ତ କ୍ରୀଡ଼ା ସୁବିଧା, ନଗର, ବ୍ଲକ୍, ପଞ୍ଚାୟତ, କାର୍ପୋରେଟ୍ ସଂସ୍ଥା, ସ୍ୱୟଂଶାସିତ ସଂସ୍ଥା, ଶିକ୍ଷାନୁଷ୍ଠାନ, ଷ୍ଟାଡିୟମ୍, ଇନଡୋର୍ ଷ୍ଟାଡିୟମ୍, ଖେଳପଡ଼ିଆ, ଓପନ୍ ଜିମ୍, ପୁଲ୍, ଛୋଟବଡ଼ ନିର୍ମାଣ, ପୋଲ୍ସ, ସ୍କୋର୍ବୋର୍ଡ, ମ୍ୟାରେଜହଲ୍, ଅସ୍ଥାୟୀ ନିର୍ମାଣ ଉପରେ ନଜର ରଖିବାକୁ କୁହାଯାଇଛି । ବଡ଼ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକ ସମୟରେ ଦର୍ଶକଙ୍କ ସୁରକ୍ଷା ଓ ପରିଚାଳନା ଉପରେ ମଧ୍ୟ ପର୍ଯ୍ୟାପ୍ତ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ନିୟମାବଳୀରେ ଉଲ୍ଲେଖ କରାଯାଇଛି । ଫ୍ୟାସିଲିଟି ମ୍ୟାନେଜର୍ ଏ ଦିଗରେ ନିୟମିତ ବ୍ୟବଧାନରେ ତଦାରଖ, ଅଧିକାରୀଙ୍କ ପରିଦର୍ଶନ ଓ ସମୀକ୍ଷାର ବିବରଣୀକୁ ପଞ୍ଜୀକରଣ କରିବେ ବୋଲି ଆଦେଶ ଦିଆଯାଇଛି ।





# ଯୋଡ଼ିହେଉଛି କି ପୁରୁଣା ସଂପର୍କ ?

ନତାଶା-ହାର୍ଦ୍ଦିକ ପାଣ୍ଡ୍ୟା ଷ୍ଟୋରୀ କାହାକୁ ବା ଅଛପା । ପ୍ରଥମେ ପ୍ରେମ, ପରେ ଲିଭ୍ ଇନ୍ । ତା ପରେ ପୁଣି ପିଲା ହେବା ପରେ ବିବାହ । କିଛିଦିନ ବିବାହ ପରେ ଛାଡପତ୍ର । ବେଶ୍ ଚର୍ଚ୍ଚିତ ସେଲିବ୍ରିଟି ଏମାନେ । ଅନେକ ସମୟରେ ଏକ୍ସଟ୍ରା ମାରିଟାଲ ଆଫେୟାରକୁ ନେଇ ବି ଗସିପ୍ । ହାର୍ଦ୍ଦିକ ଏବେ ନିଜର ନୂତନ ପ୍ରେମିକାଙ୍କ ସହ ଡେଟିଂର ମସଗୁଲ୍ । ୟୁଆଡେ ଗଲେ ବି ପ୍ରେମିକା ମାହିରାଙ୍କୁ ଦଣ୍ଡେ ଛାଡୁନାହାଁନ୍ତି ଭାରତୀୟ କ୍ରିକେଟର । ତେବେ ଏହାରି ଭିତରେ ନତାଶା କିନ୍ତୁ ଭୁଲିପାରୁନାହାଁନ୍ତି ନିଜର ପୁରୁଣା ସଂସାର । ଏମିତିକି ଶାଶୂଘରକୁ ପାଶୋରୀ ନାହାଁନ୍ତି ନତାଶା । କାରଣ ନତାଶାଙ୍କ ଇନଷ୍ଟା ପୋଷ୍ଟ ଦେଖିଲେ ଯେ କେହି ବି କହିବ ଗୁଡ଼ାଏ କଥା । ନିକଟରେ ନତାଶା ସୋସିଆଲ ମିଡିଆ ପୋଷ୍ଟ କରିଛନ୍ତି । ଯାହା ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ଯାହାକୁ ନେଇ ଅନେକ ଆକଳନ କରାଯାଉଛି । କେହି କେହି କହୁଛନ୍ତି ପୁଣି ଯୋଡି ହେବ ପୁରୁଣା ସଂପର୍କ ।

କହିବାକୁ ଗଲେ ନତାଶା ବରୋଦାରେ ଥିବା ହାର୍ଦ୍ଦିକଙ୍କ ପରିବାର ସହ ସମୟ ବିତାଇଥିଲେ । ଏହାପରେ ସେ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଫଟୋ ବି ସେୟାର କରିଥିଲେ । କ୍ୟାପସନରେ ଲେଖାଥିଲା, ବରୋଦା କେମ୍ ଛୋ ? ଫଟୋରେ ହାର୍ଦ୍ଦିକଙ୍କ ମାଆ, ଜେଜେମା, ଭଉଣୀ ଓ ଭାଇଙ୍କ ଉପସ୍ଥିତ ଅଛନ୍ତି । ଫଟୋରେ ବି ନତାଶା ବହୁତ ଖୁସି ଓ ରିଲାକ୍ସ ଥିବା ପର ମନେ ହେଉଛି । ଏମିତିକି ସେ ହାର୍ଦ୍ଦିକଙ୍କ ଭାଇ କୃଣାଲ ପାଣ୍ଡ୍ୟାଙ୍କ ସହିତ ଏକ ଫଟୋ ମଧ୍ୟ ସେୟାର କରିଛନ୍ତି । ଫଟୋଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ନତାଶା ତାଙ୍କ ପୂର୍ବତନ ସ୍ୱାମୀଙ୍କ ପରିବାର ସହିତ ଛାଡପତ୍ର ପରେ ମଧ୍ୟ ଭଲ ସମ୍ପର୍କ ବଜାୟ ରଖିଛନ୍ତି । ଏହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହେବା ମାତ୍ରେ ପ୍ରଶଂସକଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଯାଇଛି । କିଛି ଲୋକ ଆହୁରି ବି କହିଛନ୍ତି କି, ବ୍ରେକଅପ୍ ପରେ ମଧ୍ୟ ନତାଶାଙ୍କ ପରିବାର ସହିତ ସମ୍ପର୍କ ବଜାୟ ରଖିବା ବହୁତ ଭଲ । ଏଥିପାଇଁ ସେ ପ୍ରଶଂସାର ପାତ୍ର ।

ସୂଚନାଥାଉକି, ହାର୍ଦ୍ଦିକ ଓ ନତାଶା ୨୦୨୦ରେ ବିବାହ କରିଥିଲେ । ପରେ ସେମାନେ ୨୦୨୩ରେ ଏକ ବିରାଟ ସମାରୋହରେ ପୁନଃବିବାହ କରିଥିଲେ । କିନ୍ତୁ ଠିକ୍ ଏହାର ବର୍ଷକ ପରେ ସେମାନେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ । ଛାଡପତ୍ର ପାଇଁ ଆବେଦନ କରିଥିଲେ । ସେମାନଙ୍କ ବିଚ୍ଛେଦ ପରେ, ହାର୍ଦ୍ଦିକ ତାଙ୍କ ପୁଅ ଅଗସ୍ତ୍ୟଙ୍କୁ ଏକ ବିଳାସପୂର୍ଣ୍ଣ କାର ଲ୍ୟାଣ୍ଡ ରୋଭର ଡିଫେଣ୍ଡର ଉପହାର ଦେଇଥିଲେ । ଯାହାର ମୂଲ୍ୟ ପ୍ରାୟ ୪ କୋଟି ବୋଲି ଜଣାପଡ଼ିଛି । ନତାଶା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ହସୁଥିବାର ନଜର ଆସିଥିଲେ । ସେମାନଙ୍କ ଛାଡପତ୍ର ପରେ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ନତାଶା ନିଜ ନିଜ ଜୀବନରେ ଆଗକୁ ବଢ଼ିଛନ୍ତି । କ୍ରିକେଟର ବର୍ତ୍ତମାନ ଡେଟିଂ କରୁଛନ୍ତି । ମଡେଲ ମାହିକା ଶର୍ମା, ଯାହାଙ୍କ ଜନ୍ମଦିନ ସେ ନିକଟରେ ବହୁତ ଧୁମ୍ ଧାମ୍ ରେ ପାଳନ କରିଛନ୍ତି ହାର୍ଦ୍ଦିକ ।

# ଖେଳ ନିୟମ ଜାଣିନାହାନ୍ତି ଗ୍ରାଣ୍ଡମାଷ୍ଟର !



ଅନ୍ତର୍ଜାତୀୟ ଚେସ୍ ମ୍ୟାଚ ଚାଲୁଥାଏ । ବିଶ୍ୱବିଜେତାଙ୍କ ସହ ସେଲଫି ନେଲେ ବିଶ୍ୱର ଦ୍ୱିତୀୟ ନମ୍ବର ଖେଳାଳି । ହେଲେ ସେଲଫି ନେବା ପରେ ତାଙ୍କ ଫୋନ୍ ଛଡ଼ାଇ ନେଇଯାଇଥିଲେ ଟୁର୍ଣ୍ଣାମେଣ୍ଟ ଅଥରିଟି । କାହିଁକି ଓ କ'ଣ ପାଇଁ ଏ ବ୍ୟବହାର ? ଏଭଳି ଘଟଣା ଘଟିଛି ଜର୍ମାନୀର ଗ୍ରେଙ୍କେ ଫ୍ରିଷ୍ଟାଇଲ୍ ଚେସ୍ ଫେଷ୍ଟିଭାଲରେ । ମ୍ୟାଚ୍ ପୂର୍ବରୁ, କାଜାକ୍ ଖେଳାଳି ଆଲୁଆ ନୁରମାନ୍ ମାଗନସ୍ କାର୍ଲସେନଙ୍କ ସହ ସେଲଫି ନେବାକୁ ଅନୁରୋଧ କରିଥିଲେ । ବିନା ଦ୍ୱିଧାରେ ରାଜି ହୋଇଗଲେ କାର୍ଲସେନ । ତାଙ୍କ ସହିତ ଫଟୋ ଉଠାଇଲେ । ଏହା ପରେ ଟୁର୍ନାମେଣ୍ଟ ଅଧିକାରୀଙ୍କ ପାଖରେ କଥା ପହଞ୍ଚିଥିଲା । ତୁରନ୍ତ ନୁରମ୍ୟାନଙ୍କ ଫୋନ୍ ଛଡ଼ାଇ ନିଆଯାଇଥିଲା । ମ୍ୟାଚ୍ ସ୍ୱାଭାବିକ ଭାବରେ ଆରମ୍ଭ ହୋଇଥିଲା । ଏନେଇ ଆରମ୍ଭ ହୋଇଥିଲା ଚର୍ଚ୍ଚା ଓ ବିତର୍କଛ ପ୍ରକୃତରେ ନିୟମ ରହିଛି କ'ଣ ?

ଚେସ୍ ନିୟମ ଅନୁଯାୟୀ, ଖେଳ ସମୟରେ ସେଲଫି ନେବାର କଟକଣା ରହିଛି । ଠକେଇ ରୋକିବା ପାଇଁ ଇଲେକେଟ୍ରାନିକ୍ ଡିଭାଇସ୍ ବିଷୟରେ କଠୋର ନିୟମ ପାଳନ କରନ୍ତି ଚେସ୍ ଟୁର୍ଣ୍ଣାମେଣ୍ଟ ଅଥରିଟି । ଖେଳାଳିମାନେ ଖେଳ ସମୟରେ ଫୋନ୍ ବ୍ୟବହାର କରିପାରିବେ ନାହିଁ କିମ୍ବା ସେମାନଙ୍କ ପାଖରେ ଫୋନ୍ ରଖିପାରିବେ ନାହିଁ । ଯଦି ସ୍ୱେଶାଲ ଅନୁମତି ଥାଏ, ତାହାହେଲେ ଫୋନ ରଖିପାରିବେ । ନିୟମଅନୁସାରେ ଡିଭାଇସଗୁଡ଼ିକୁ ବନ୍ଦ କରି ସୁରକ୍ଷିତ ଭାବରେ ରଖିବା ଆବଶ୍ୟକ । ଯେହେତୁ ନୁରମାନ ସେଲଫି ପାଇଁ ତାଙ୍କ ଫୋନ୍ ବ୍ୟବହାର କରିଥିଲେ, ଅଧିକାରୀମାନଙ୍କୁ ତୁରନ୍ତ ଏହାକୁ ସିଜ୍ କରିବାକୁ ପଡିଲା । ସେହି ଅପ୍ରୀତିକର ମୁହୂର୍ତ୍ତ ସତ୍ତ୍ୱେ, ଖେଳଟି ବିଳମ୍ବ ନକରି ଚାଲିଲା । ବିବାଦ ଭିତରେ ବି କାର୍ଲସେନ୍ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଦୃଢ଼ ପ୍ରଦର୍ଶନ ଜାରି ରଖିଥିଲେ । ଶେଷରେ ନୁରମାନଙ୍କୁ ପରାସ୍ତ କରିଥିଲେ । ଆଉ ଜଣେ ଖେଳାଳି କାର୍ଲସେନଙ୍କ ସହ ସେଲଫି ନେଇଥିଲେ, ଏବଂ ପରେ ଅଧିକାରୀମାନେ ତାଙ୍କ ଫୋନ୍ ମଧ୍ୟ ନେଇଯାଇଥିଲେ । ନୁରମାନ୍ ପରେ ସେୟାର କରିଥିଲେ ଯେ ଏହି ପୂର୍ବ ଘଟଣା ତାଙ୍କୁ ପ୍ରେରଣା ଦେଇଥିଲା । ଗତ ବର୍ଷ, ଏଟିଏନ୍ ବାକ୍ରଟ୍ ମଧ୍ୟ ଏକ ସେଲଫି ନେଇଥିଲେ । ମୁଁ ଭାବିଲି, ମୁଁ କାହିଁକି ନୁହେଁ ? ମାଗନସ୍ ଏଥିରେ ରାଜି ହୋଇଥିବାରୁ ମୁଁ ବହୁତ କୃତଜ୍ଞ । ଏହା ସେ ଚେସବେସ୍ ଇଣ୍ଡିଆକୁ କହିଥିଲେ ।

**ନିଜର ଚମତ୍କାର ଅଭିନୟ, ନୃତ୍ୟ ତଥା ସ୍ୱତନ୍ତ୍ର ଉପସ୍ଥାପନା ଶୈଳୀମାଧ୍ୟମରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ଅଭିନେତ୍ରୀ ଗୁନଗୁନ । ଦୂରଦର୍ଶନରୁ ଆରମ୍ଭକରି ଓଲିଉଡର ବଡ ପରଦା ସବୁସ୍ଥାନରେ ନିଜର ବହୁମୁଖୀ ପ୍ରତିଭାପାଇଁ ସବୁବେଳେ ପ୍ରଶଂସା ସାଉଁଟିଥାଆନ୍ତି ଗୁନଗୁନ । ବର୍ତ୍ତମାନ ଫିଲ୍ମ ପୁୟୋଦକମ ପାଇଁ ଚର୍ଚ୍ଚାରେ ଥିବା ଗୁନଗୁନଙ୍କ ସହିତ ସମୟର ଗପସପ ...**

ପ୍ରସ୍ତୁତି
ରୂପସିତା ମହାପାତ୍ର



# ଅଭିନେତ୍ରୀରୁ ପ୍ରଯୋଜିକା

**● ସିନେମାର ଶୀର୍ଷକ 'ପୁୟୋଦକମ୍' ବେଶ୍ ରହସ୍ୟମୟ । ଏହାର ଅର୍ଥ ଏବଂ ଚଳଚ୍ଚିତ୍ର ସହ ଏହାର ସମ୍ପର୍କ ବିଷୟରେ କିଛି କହିବେ କି ?**

▶ ପୁୟୋଦକମର ଅର୍ଥ ହେଉଛି ଗରୁଡ ପୁରାଣର ଏକ ଶାସ୍ତି । ଯେଉଁ ପୁରୁଷ ମହିଳାଙ୍କ ସହିତ ମିଛରେ ପ୍ରେମ ସମ୍ପର୍କ ରଖି ଶାରିରୀକ ସମ୍ପର୍କ ରଖନ୍ତି ହେଲେ ବିବାହ କରନ୍ତି ନାହିଁ । ସେଭଳି ପୁରୁଷଙ୍କୁ ଜମ ଦଣ୍ଡ ଦେଇଥାଆନ୍ତି । ଝିଅଟିକୁ କିଭଳି ମାଆଙ୍କ ଆଶିଷ ମିଳିବା ସହ ତାକୁ କିପରି ନ୍ୟାୟ ମିଳୁଛି ତାହାକୁ ଫିଲ୍ମ ଜରିଆରେ ଉପସ୍ଥାପନା କରାଯାଇଛି ।

**● 'ପୁୟୋଦକମ୍' ଭଳି ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଆପଣଙ୍କୁ ପ୍ରେରଣା କେଉଁଠାରୁ ମିଳିଲା ?**

▶ ଅନେକ ଦିନରୁ ସ୍ୱପ୍ନ ଥିଲା ଭଲ କାହାଣୀ ଓ ଚରିତ୍ର ମିଳିଲେ ନିଜ ପ୍ରଯୋଜନା ସଂସ୍ଥାରେ ଏକ ଚଳଚ୍ଚିତ୍ର ନିର୍ମାଣ କରିବି । ତେଣୁ ଯେତେବେଳେ ୨୦୨୩ରେ ନିର୍ଦ୍ଦେଶକ ଶିବ ପ୍ରସାଦ ମହାନ୍ତି ଏହି କାହାଣୀ ସମ୍ପର୍କରେ ସୂଚନା ଦେଇଥିଲେ, ସେତେବେଳେ କାହାଣୀ ଖୁବ ପସନ୍ଦ ଆସିଥିଲା । କାହାଣୀ ଶୁଣିବାପରେ ନିଷ୍ପତ୍ତି ନେଇଥିଲି କି ଯେତେ କଷ୍ଟ ହେଲେ ବି ଏହି ଫିଲ୍ମଟି ନିର୍ମାଣ କରିବି ।

**● ଅଭିନୟ ସହିତ ପ୍ରଯୋଜନା ଦାୟିତ୍ୱ ତୁଲାଇବା ଆପଣଙ୍କ ପାଇଁ କେତେ ଚ୍ୟାଲେଞ୍ଜିଂ ଥିଲା ?**

▶ ଏହି କାର୍ଯ୍ୟ ମୋ ପାଇଁ ବହୁତ ଆହ୍ୱାନପୂର୍ଣ୍ଣ ଥିଲା । ଅଭିନେତ୍ରୀ ଭାବେ ଅଭିନୟ ସମୟରେ କାମିନି ଚରିତ୍ରର ବିଭିନ୍ନ ଛବିକୁ ପରଦାରେ ଜୀବନ୍ତ ଭାବେ ଫୁଟାଇବାର ଇଛା ଥିଲା । ସେପଟେ ଜଣେ ପ୍ରଯୋଜିକା ଭାବେ ସୁଟିଂ କିଭଳି ଠିକ ସମୟରେ ହେବ, ଖର୍ଚ୍ଚ ସହିତ ଯୋଜନା ସମ୍ପର୍କିତ ଚିନ୍ତା ମଧ୍ୟ ରହିଥିଲା । ଏତେ ଲୋକଙ୍କୁ ନେଇ ସବୁ କାର୍ଯ୍ୟ ଯୋଜନା ମୁତାବକ କରିବା ଟିକେ କଷ୍ଟ ଥିଲା । ହେଲେ ଟିମ ସଦସ୍ୟଙ୍କ ସମ୍ପୂର୍ଣ୍ଣ ସମର୍ଥନ ମୋର ଏହି କାର୍ଯ୍ୟକୁ ସହଜ କରିଥିଲା । ସେମାନଙ୍କ ସାହାଯ୍ୟରେ କାମ ସହଜରେ ହୋଇଯାଉଥିଲା ।

**● ଏହି ଚଳଚ୍ଚିତ୍ରରେ ଆପଣ ଯେଉଁ ଚରିତ୍ରରେ ଅଭିନୟ କରିଛନ୍ତି, ତାହା ଆପଣଙ୍କ ପୂର୍ବ ଚରିତ୍ରଗୁଡ଼ିକ ଅପେକ୍ଷା କେତେ ଭିନ୍ନ ?**

▶ ମୋ ଚରିତ୍ରର ନାଁ କାମିନି , ଯିଏ ଏଭଳି ଏକ ନାରୀ ନିର୍ଯ୍ୟାତନାର ଶିକାର ହେବାପରେ ଡିପ୍ରେସନକୁ ଚାଲିଯାଇଛି । ଯେଉଁକାରଣରୁ ସେ ନିଜେ ଅନେକ କଷ୍ଟରେ ରହୁଛି । ତେବେ ଏହାପରେ ମାଆଙ୍କ ଶକ୍ତିକୁ ପାଥେୟ କରି ନ୍ୟାୟ ପାଇଁ ଲଢେଇ କରୁଛି ଏହାରି ଉପରେ କାହାଣୀ ଗତିଶୀଳ । ଖୁବ ଚାଲେଞ୍ଜିଂ ଓ ଭିନ୍ନ ଚରିତ୍ର ଥିଲା ।

**● ଏହି ଫିଲ୍ମର ସୁଟିଂ ସମୟରେ କୌଣସି ସ୍ମରଣୀୟ ମୁହୂର୍ତ୍ତ ଯାହା ଆପଣ ସେୟାର୍ କରିବାକୁ ଚାହିଁବେ ?**

▶ ସ୍ମରଣୀୟ ସିନ୍ ହେଲା କ୍ଲାଇମାକ୍ସ ସିନ ଏବଂ ସବୁଠାରୁ ପ୍ରିୟ ସିନ ଯଦି କହିବି ତେବେ ମାଆ ଶାରଳାଙ୍କ ଲୁକରେ ସୁଟିଂ କରିବା ସମୟ । ଏହି ସବୁ ସମୟ ଗୁଡିକ ଖୁବ ସ୍ମରଣୀୟ ।

**● ଆଜିକାଲି ଓଡ଼ିଆ ସିନେମାରେ ବିଷୟବସ୍ତୁକୁ ନେଇ ଅନେକ ପରୀକ୍ଷାନିରୀକ୍ଷା ଚାଲିଛି । 'ପୁୟୋଦକମ୍'ର ସ୍ୱତନ୍ତ୍ର ବିଷୟବସ୍ତୁକୁ କେତେ ସଫଳତା ମିଳିବ ବୋଲି ଆଶା ରଖିଛନ୍ତି ?**

▶ ବର୍ତ୍ତମାନ ସୁଦ୍ଧା ଦର୍ଶକ ଖୁବ ଭଲପାଇବା ଦେଉଛନ୍ତି । ଆଗକୁ ମଧ୍ୟ ଏହାକୁ ଆହୁରି ଭଲ ପାଇବା ମିଳିବ ବୋଲି ଆଶା ରହିଛି । ସବୁ ମାଆଙ୍କ ଦୟା ।

**● ଜଣେ ପ୍ରଯୋଜିକା ଭାବେ ଯୋଜନା କଣ ରହିଛି ?**

▶ ଜଣେ ପ୍ରଯୋଜିକା ଭାବେ ମୋର ଦାୟିତ୍ୱ ଭଲ କାମ କରିବା । ଦର୍ଶକଙ୍କ ମନଲାଖି ଚଳଚ୍ଚିତ୍ର ଓ କାର୍ଯ୍ୟକ୍ରମ ନିର୍ମାଣ କରିବା । ସେଇ ଚେଷ୍ଟାରେ ନିଶ୍ଚୟ ଆଗେଇବି ବୋଲି ଭାବିଛି ।

**● ଆପଣଙ୍କର ପ୍ରଶଂସକ ଏବଂ ପାଠକମାନଙ୍କ ପାଇଁ କିଛି ବିଶେଷ ବାର୍ତ୍ତା ?**

▶ ଯେମିତି ସବୁବେଳେ ମୋ ହାତ ଧରି ଭଲ ପାଇବାର ସହ ମୋତେ ଆଗକୁ ନେଇଛନ୍ତି ସେମିତି ସମର୍ଥନ ସବୁବେଳେ ମୋତେ ଓ ମୋ କାମକୁ ଦିଅନ୍ତୁ । ମୋର ଆଶା ଅଛି କେବେ ବି ହାରିବିନି ।